## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ପାଣିକୋଇଲି,୪।୫(ବିକାଶ ମଲ୍ଲିକ):



ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପାଣିକୋଇଲି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ତଣ୍ଡରା ଗ୍ରାମର ବସନ୍ତ ଦଳେଇ ଓରଫ୍ ଘଣ୍ଟିଆ(୨୧)। ବିବାହ କରିବା ଉଦ୍ଦେଶ୍ୟରେ ଗତ ମାସ ୨୭ ତାରିଖ ରାତିରେ ଘଣ୍ଟିଆ ନାବାଳିକାଙ୍କୁ ଅପହରଣ କରିଥିଲେ। ଏନେଇ ନାବାଳିକାଙ୍କ ବାପା ପାଣିକୋଇଲି ଥାନାରେ ପରଦିନ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୨୩/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଉଭୟଙ୍କୁ ଶନିବାର ପାଣିକୋଇଲି ବଜାରରୁ ଉଦ୍ଧାର କରିଥିଲା। ପରେ ନାବାଳିକାଙ୍କ ବୟାନ ରେକର୍ଡ କରିବା ସହ ଉଭୟଙ୍କ ଡାକ୍ତରୀ ମାଇନା କରାଇଥିଲା।

### ଜହ୍ନା ଗ୍ରାମରେ ପୋଲିସ ପକ୍ଷରୁ ଲଟକା ଜାରି

ପାଣିକୋଇଲି,୪।୫(ବିକାଶ ମଲ୍ଲିକ): ଅଦାଲତ ଅବମାନନା ଅଭିଯୋଗରେ ପାଣିକୋଇଲି ପୋଲିସ ଜହ୍ନା ଗ୍ରାମର ୨ ବ୍ୟକ୍ତିଙ୍କ ଘରେ ଲଟକା ଲଗାଇଛି। ଯାଜପୁରରୋଡ୍ ଜେଏମ୍ଏଫ୍‌ସିଙ୍କ ନିର୍ଦ୍ଦେଶରେ ଜହ୍ନା ଗ୍ରାମର ଅଶୋକ ସାହୁ ଓ ବବୁଲ ସାହୁଙ୍କ ଘରେ ଏହି ଲଟକା ଲଗାଯାଇଛି। ବାରମ୍ବାର କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ସେମାନେ କୋର୍ଟରେ ହାଜର ହେଉନାହାନ୍ତି। ସେମାନେ ଅଦାଲତକୁ ଅବମାନନା କରୁଥିବାରୁ ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତି ପାଇଁ କୋର୍ଟ ଲଟକା ଜାରି କରିଛି। ଏସ୍ଆଇ ପ୍ରକାଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଲଟକା ଲଗାଯାଇଛି।

### ଭାଜପା ଖରସ୍ରୋତା ମଣ୍ଡଳ ଦଳିତ ସେଲ୍ ସଭାପତିଙ୍କ ଇସ୍ତଫା



ପାଣିକୋଇଲି,୪।୫(ବିକାଶ ମଲ୍ଲିକ): କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଥରପଦା ପଞ୍ଚାୟତ ଖସାଗଡ଼ିଆ ଗ୍ରାମର କରୁଣାକର ମାଝି ଭାରତୀୟ ଜନତା ପାର୍ଟି(ଭାଜପା)ର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ୨୦୦୦ ମସିହାରୁ ଭାଜପାରେ ଯୋଗଦେଇ ବିଭିନ୍ନ ଦଳୀୟ ପଦବୀ ସହ ଖରସ୍ରୋତା ମଣ୍ଡଳ ଦଳିତ ସେଲର ସଭାପତି ଭାବେ କାର୍ଯ୍ୟକରି ଆସୁଥିଲେ। ବର୍ତ୍ତମାନ ଦଳରେ ଠିକ ଭାବେ କାର୍ଯ୍ୟ ହେଉ ନ ଥିବା ଦର୍ଶାଇ ସେ ସମସ୍ତ ପଦବୀ ସହ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଏଥିସହିତ ଇସ୍ତଫା ସମ୍ପର୍କରେ ରାଜ୍ୟ ସଭାପତି, ଜିଲା ସଭାପତି ଓ ମଣ୍ଡଳ ସଭାପତିଙ୍କୁ ଅବଗତ କରିଥିବା କହିଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟଙ୍କ ପରଲୋକ

ପାଣିକୋଇଲି,୪।୫(ବିକାଶ ମଲ୍ଲିକ): ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ ତଥା ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି ଗ୍ରାମର ଅବସରପ୍ରାପ୍ତ ଯନ୍ତ୍ରୀ ଦୈତ୍ୟାର ଜେନାଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ଜେନା ଭାରତ ସରକାରଙ୍କ ଅଧୀନରେ ସିଭିଲ ଇଞ୍ଜିନିୟର ଭାବେ କାର୍ଯ୍ୟକରି ୧୯୯୯ରେ



ଅବସର ଗ୍ରହଣ କରିଥିଲେ। ପରେ ମଧୁମେହ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଅବସର ପରେ ସେ ବିଭିନ୍ନ ସାମଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ଚନ୍ଦ୍ରମଣି ସ୍ୱାଇଁ, ମଧୁସୂଦନ ରାଉତ, ପ୍ରହ୍ଲାଦ ଜେନା ଓ ସତ୍ୟରଞ୍ଜନ ସ୍ୱାଇଁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକ ମାତ୍ର ପୁତ୍ର ରବୀନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ଭୋଟ ବର୍ଜନ ଚେତାବନୀ

## ମିଳୁନି ପାଇପ୍ ପାଣି

ପାଣିକୋଇଲି,୪।୫(ବିକାଶ ମଲ୍ଲିକ):

ରାଜ୍ୟ ସାରା ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ନଳକୂପରୁ ପାଣି ବାହାରୁନି। ରାଜ୍ୟ ସରକାରଙ୍କ ପାନୀୟ ଜଳ ପ୍ରକଳ୍ପ 'ବସୁଧା' ଏକମାତ୍ର ଭରସା ଥିବାବେଳେ ସେଥିରୁ ଏକ ବର୍ଷ ହେବ ପାଣି ଆସୁନାହିଁ। ଫଳରେ ଗ୍ରାମବାସୀ ପାଣି ଟୋପାଏ ଲାଗି ବାରମ୍ବାର ବିଭିନ୍ନ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନୟାନ୍ତ ହେବା ପରେ ଭୋଟ ବର୍ଜନ ଚେତାବନୀ ଦେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଅଧୀନ ପାଣିକୋଇଲି ପଞ୍ଚାୟତ ୯ନଂ. ୱାର୍ଡ କାଙ୍କଲାପାଟଣା ଗ୍ରାମର ଥାନପତି ସାହିରେ। ଏଠାରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ଉକ୍ତ ଗ୍ରାମବାସୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ବସୁଧା ପାଣି ଟାଙ୍କିରୁ ପାଇପ ମାଧ୍ୟମରେ ପାଣି ଯୋଗାଇ ଦିଆଯାଇଛି। କିନ୍ତୁ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଉକ୍ତ ୧୦୦ଟି ପରିବାର ପାଣି ପାଇପାରୁନାହାନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁ ନଳକୂପରୁ ପାଣି ବାହାରୁ ନ ଥିବାରୁ ଗ୍ରାମବାସୀ ବାଧ୍ୟ ହୋଇ ୩ କି.ମି.



ପାଇପ୍ ପାଣିରୁ ବଞ୍ଚିତ ଥାନପତି ସାହିବାସିନ୍ଦା।

ଦୁର ଚମାର ଗଡ଼ିଆରୁ ପାଣି ଆଣି ଫୁଟାଇ ପିଉଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ସରପଞ୍ଚ ପଦ୍ମାବତୀ ପଣ୍ଡା ଓ ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ ଉକ୍ତ ପ୍ରକଳ୍ପ ନିମନ୍ତେ ଠିକା ନେଇଥିବା ଠିକାଦାର(ମେଘା)ର ପଦସ୍ଥ ଅଧିକାରୀଙ୍କୁ ଦେଖାକରି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ। ହେଲେ ସେମାନେ ମରାମତି କରିବା ଲାଗି ଆସୁନାହାନ୍ତି। ଏପରି କି ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସେମାନେ ଶୁଣୁନାହାନ୍ତି ବୋଲି ସରପଞ୍ଚ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଯଦି ଆମେ ପାଣି ନ ପାଇଲୁ ତେବେ ଭୋଟ କାହିଁକି ଦେବୁ ବୋଲି ଗ୍ରାମର କେତକୀ ମଲିକ, ଶୈଳ ମଲିକ, ଭାଗିରଥି ମହାନ୍ତ, ବାବାଜୀ ବେହେରା, ବିନ୍ଦୁ ମଲିକ, ରାଜ କୁମାର ରାୟ, ଶରତ ମଲିକ, ଧବଳ ମଲିକ, ବାଙ୍କୁଆ ମଲିକ, ଅଖଜୀ ବେହେରା, ଭାରତୀ ମଲିକ ଓ ମଣିଆ ମଲିକ ପ୍ରମୁଖ ପ୍ରଶ୍ନ କରିଛନ୍ତି।

# ମହା ସିମେଣ୍ଟକୁ ଏନ୍‌ଜିଟି ନୋଟିସ

## ଜଙ୍ଗଲ ଜମିରେ ଗ୍ରାଇଣ୍ଡିଂ ୟୁନିଟ୍ ସ୍ଥାପନ ଅଭିଯୋଗ

ଯାଜପୁର,୪।୫(ହର୍ଷବର୍ଦ୍ଧନ ବେହେରା)

ଜଙ୍ଗଲ ଜମିରେ ଗ୍ରାଇଣ୍ଡିଂ ୟୁନିଟ୍ ସ୍ଥାପନ ଅଭିଯୋଗରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ବଇରୀ ଗ୍ରାମରେ ନିର୍ମାଣାଧୀନ ମାଇହୋମ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ ବା ମହା ସିମେଣ୍ଟ କମ୍ପାନୀକୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଜବାବ ଦାଖଲ ନୋଟିସ ଦେଇଛି। ଆବେଦନକାରୀ ବିମଳ ହେମ୍ବ୍ରମ ଓ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଏନେଇ ଏନ୍‌ଜିଟିରେ ୪୨/୨୦୨୪/ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଛି। କମ୍ପାନୀ ସମେତ ରାଜ୍ୟ ସରକାରଙ୍କୁ ୪ ମାସ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ ମହା ସିମେଣ୍ଟ କମ୍ପାନୀକୁ ସରକାରୀ ଜମି ହସ୍ତାନ୍ତରରେ ବ୍ୟାପକ ଅନିୟମିତତା ହୋଇଛି। ଏପରି କି ପରିବେଶଗତ ଅନୁମତି ପାଇଁ କାଳ୍ପନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୨୪।୭।୨୦୨୩ରେ ପରିବେଶଗତ ଅନୁମତି(ଇସି) ମଞ୍ଜୁର ହୋଇଥିବାବେଳେ ଏହା ପୂର୍ବରୁ କମ୍ପାନୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ସାବକ ରେକର୍ଡ ଅନୁସାରେ କମ୍ପାନୀକୁ ଦିଆଯାଇଥିବା ଜମି ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ କିସମ ଜମି। ଉକ୍ତ ଜମିରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କାଜୁବାଦାମ ଗଛ ଲଗାଯାଇଥିଲା। ତଥାପି ଜଙ୍ଗଲ ଜମି କିପରି ଭାବେ ଅଣ ଜଙ୍ଗଲ କାର୍ଯ୍ୟ ପାଇଁ ଆବଣ୍ଟିତ ହେଲା ବୋଲି ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ହାଇଦ୍ରାବାଦର ଏହି କମ୍ପାନୀ ବାର୍ଷିକ ୩.୦ ମେଟ୍ରିକ ଟନ ସିମେଣ୍ଟ ଗ୍ରାଇଣ୍ଡିଂ ଉତ୍ପାଦନ ପାଇଁ ୧୧୩ ଏକର ଜମି ଅକ୍ତିଆର କରିଛି। କମ୍ପାନୀର କାର୍ଯ୍ୟ ନିର୍ବାହୀ ସାରାଂଶ ଏବଂ ୨୦୨୨ ଅଗଷ୍ଟ ୫ରେ ଅନୁଷ୍ଠିତ ଜନଶୁଣାଣିରେ ୬୮ ଏକର ଜମି ଆବଶ୍ୟକତା ଥିବା ଦର୍ଶାଯାଇଥିଲାବେଳେ ଇଡ୍‌କୋ ପକ୍ଷରୁ ଅଧିକ ଜମି ଦିଆଯାଇଛି। ଏହି ଜମି ବଳରେ ବ୍ୟାଙ୍କଗୁଡ଼ିକଠାରୁ ଅଧିକ ଅର୍ଥ ଋଣ ହାତେଇ ରାଜ୍ୟ ବାହାରେ ଥିବା ନିଜସ୍ୱ ଅନ୍ୟାନ୍ୟ କାରଖାନାରେ ବିନିଯୋଗ କରିବା ଲକ୍ଷ୍ୟ ରଖିଥିବା ଚର୍ଚ୍ଚା ହେଉଛି। ଇଡ୍‌କୋ କର୍ତ୍ତୃପକ୍ଷ ଏବଂ କେତେଜଣ ଉଚ୍ଚପଦାଧିକାରୀଙ୍କୁ ହାତ କରି ଉତ୍ପାଦନ ପରିମାଣ ତୁଳନାରେ ବହୁ ଗୁଣରେ ଅଧିକ ଜମି ହାତେଇଥିବା ଅଭିଯୋଗ ହେଉଛି। ଜନଶୁଣାଣିରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଏହି କାରଖାନା ପାଇଁ ୬୦୦କୋଟି ଟଙ୍କା ବ୍ୟୟଅଟକଳ ରଖାଯାଇଛି। ଏଥିରେ ସମୁଦାୟ ୩୦୦ ଜଣ ନିଯୁକ୍ତି ପାଇବେ। କିନ୍ତୁ ଯେଉଁ କେତେଜଣ ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଣଓଡ଼ିଆ। ଜନଶୁଣାଣିକୁ ସହଯୋଗ କରିଥିବା ବଇରୀ ଗ୍ରାମବାସୀ ଏହାକୁ ନେଇ ବିରୋଧ କରିଥିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଏବେ ବି ୫ଜଣଙ୍କ ନାମରେ ମାମଲା ଚାଲିଛି। ଅନ୍ୟପକ୍ଷେ ୬୮ ଏକର ଜମି ମଧ୍ୟରୁ ୬୨.୫୯ଏକର ଜମି ଇଡ୍‌କୋରୁ ଲିଜ ସୂତ୍ରରୁ ଦିଆଯିବା କଥା। ବାକି ୫.୪୧ ଏକର ଜମି ପ୍ରଜାଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ଯୋଜନା ରହିଥିଲା। କିନ୍ତୁ କେଉଁ ଆଧାରରେ ୧୧୩ ଏକର ଜମି କମ୍ପାନୀକୁ ଦିଆଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ଦାବି ହେଉଛି।

# ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ



ଘରେଘରେ ଶଙ୍ଖ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି କର୍ମୀମାନେ।

ଧର୍ମଶାଳା,୪।୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ କୁମାରୀ ପଞ୍ଚାୟତରେ ଶନିବାର ବିଜେଡି ପକ୍ଷରୁ ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁମାରୀ ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ପଞ୍ଚାୟତରେ ଥିବା ୧୪ ୱାର୍ଡର ବିଜେଡି କର୍ମୀ ଘରକୁ ଘର ବୁଲି ବିଧାୟକ ପ୍ରାର୍ଥୀ ପ୍ରଣବ ବଳବଳନ୍ତରାୟ ଓ ସାଂସଦ ପ୍ରାର୍ଥୀ ଶର୍ମିଷ୍ଠା ସେଠୀଙ୍କୁ ଭୋଟଦେବାକୁ ନିବେଦନ କରିଛନ୍ତି। ଏଥିସହ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତ ଯୁବ ସଭାପତି ଶକ୍ତିପ୍ରସନ୍ନ ଦାଶ, ସମ୍ପାଦକ ସୌମ୍ୟରଞ୍ଜନ ରାଉତ, ବୁଥ ସଭାପତି ବିଜୟ କୁମାର ବରାଳ, ହୃଷୀକେଶ ସାମଲ, ଦେବଦତ୍ତ ମହାନ୍ତି, ବିନୋଦ କୁମାର ରାୟ, ମନୋରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ରଣା, ଚନ୍ଦ୍ରଶେଖର ବେହେରା, ଶୁଶାନ୍ତ କୁମାର ଭୁୟାଁ, ରାମଚନ୍ଦ୍ର ବାରିକ, ମନୋଜ କୁମାର ଦାସ, କଳ୍ପତରୁ ସାହୁ, ବିଶ୍ୱଜିତ ସେଠୀ, ଗିରିଧାରୀ ବେହେରା, ବାସୁଦେବ ମିଶ୍ର, ରଶ୍ମିରଞ୍ଜନ ରାୟ, ଉମେଶ ବାରିକ, ଅମୂଲ୍ୟ କୁମାର ମହାରଣା, ସୁନିଲ କୁମାର ରାଉତରାୟ, ବିନୋଦ କୁମାର ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

## ଉମେଶଙ୍କୁ ସମ୍ବର୍ଦ୍ଧନା

ବରୀ,୪।୫(ମହେନ୍ଦ୍ର ସ୍ୱାଇଁ):

ବରୀ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ମା' ବିରଜାଙ୍କ ନିକଟରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି। ତାଙ୍କୁ ନିର୍ବାଚନମଣ୍ଡଳୀର ସୁଜନପୁର, ଏରବାଙ୍କ, ସାହାସପୁର, କିମ୍ବିରିଆପାଳ, ବାଇଁଶିରିଆ ଓ ରମ୍ଭା ଆଦି ପଞ୍ଚାୟତର ଶହଶହ ଦଳୀୟ କର୍ମୀ ସମ୍ବର୍ଦ୍ଧିତ କରିଛନ୍ତି। ଉମେଶ ଶହୀଦଙ୍କୁ ନମନ, ବରୀ ମାଟିକୁ ବନ୍ଦନ କହି ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ବିକଶିତ ବରୀ ଗଠନ କ୍ଷେତ୍ରରେ ବରୀବାସୀଙ୍କ ଆଶୀର୍ବାଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ଉପରେ ରହିଛି ଏବଂ ଆଗାମୀ ଦିନରେ ଭାଜପା ବରୀର ବିକାଶ କ୍ଷେତ୍ରରେ ଏକମାତ୍ର ବିକଳ୍ପ ହେବ ବୋଲି ଉମେଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଧର୍ମଶାଳାରେ ୨୩ ମହିଳା ବୁଥ୍

ଧର୍ମଶାଳା,୪।୫(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଶନିବାର ଭୋଟ ଗ୍ରହଣ କେନ୍ଦ୍ର ବୁଲି ତଦାରଖ କରିଛନ୍ତି। ସେ ବ୍ଲକର ୪୫ ପଞ୍ଚାୟତରେ ଥିବା ୨୦୩ ବୁଥ ମଧ୍ୟରୁ ଅଧିକାଂଶ ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ମତଦାନବେଳେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକର ୨୦୩ ବୁଥ ମଧ୍ୟରେ ୨୬୪ ସାଧାରଣ ବୁଥ, ୩ ପିଙ୍କ୍ ବୁଥ, ୨ ଯୁବ, ୧୦ଟି ଆଦର୍ଶ ମଡେଲ ବୁଥ, ୨୩ଟି ମହିଳା ବୁଥ ଓ ଗୋଟିଏ ଦିବ୍ୟାଙ୍ଗ ବୁଥ କରାଯାଇଥିବା ବିଡିଓ ବଳ ସୂଚନା ଦେଇଛନ୍ତି।

## ବଡ଼ଚଣା ବିଜୁ ଯୁବ ଛାତ୍ର ଜନତା ଦଳର ବୈଠକ



ବୈଠକରେ ଯୋଗଦେଇଥିବା ବିଜୁ ଛାତ୍ରଜନତା ଦଳର କର୍ମକର୍ତ୍ତା ଓ ଅନ୍ୟମାନେ।

ଚଣ୍ଡିଖୋଲ,୪।୫(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ରବୀନ୍ଦ୍ର ମଣ୍ଡପଠାରେ ବିଜୁ ଯୁବ ଛାତ୍ର ଜନତା ଦଳର ଏକ ବୈଠକ ପ୍ରାକ୍ତନ ସମିତିସଭ୍ୟ ଜଗନ୍ନାଥ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡି ନେତା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀଙ୍କୁ କିଭଳି ଅଧିକ ଭୋଟରେ ବିଜୟୀ କରାଯିବ ସେଥିନେଇ ସମସ୍ତ ଯୁବଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ସମିତିସଭ୍ୟ ମଧୁସୂଦନ ବଳ, ତ୍ରୈଲୋକ୍ୟ ଜେନା, ସୁରେଶ ନାୟକ, ରତିକାନ୍ତ ଜେନା ଓ ଯଶୋଦୀପ୍ତ ସାମଲ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ଆଜିର ଯୁବ ଗୋଷ୍ଠୀ କିପରି ରାଜନୀତି କ୍ଷେତ୍ରକୁ ପରିଚାଳନା କରିବେ ସେଥିନେଇ ସମସ୍ତେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଜିଲା ବିଜୁ ଛାତ୍ର ଜନତା ଦଳର ଉପସଭାପତି ବିଶ୍ୱଜିତ୍ ବିଶ୍ୱାଳ, ଜିଲା ସମ୍ପାଦକ ଅଶ୍ୱିନୀ କୁମାର ବଳ, ବ୍ଲକ ଛାତ୍ର ସମ୍ପାଦକ ପିନାକୀ ପ୍ରସାଦ ଜେନା, ବିଶ୍ୱଜିତ୍ ଜେନା, ସୁନୀଲ ବଳସାମନ୍ତ, ରତିକାନ୍ତ ସେଠୀ ଓ ସୌମ୍ୟରଞ୍ଜନ ସାହୁଙ୍କ ସମେତ ଶତାଧିକ ଯୁବଛାତ୍ର ଗୋଷ୍ଠୀ ସାମିଲ ହୋଇଥିଲେ।

# ନାବାଳିକାଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ବିଞ୍ଝାରପୁର,୪।୫(ରାମକୃଷ୍ଣ ଦାସ):

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଥାନା ଅନ୍ତର୍ଗତ ରଣପୁର ଗ୍ରାମର ରଞ୍ଜିତ ମଲ୍ଲିକ(୩୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ନାବାଳିକାଙ୍କ ଡାକ୍ତରୀ ମାଇନା କରିବା ସହ ତାଙ୍କ ବୟାନ ରେକର୍ଡ କରିଛି। ବିବାହ ପ୍ରଲୋଭନ ଦେଖାଇ ୨ ବର୍ଷ ଧରି ଯୁବକ ଜଣଙ୍କ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲା। ପରେ ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଏଥିନେଇ ନାବାଳିକା ଶୁକ୍ରବାର ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୭୮।୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଶର୍ମିଷ୍ଠା, ବର୍ଷାଙ୍କ ନିର୍ବାଚନ ପ୍ରଚାର



ଚଣ୍ଡିଖୋଲ,୪।୫(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଡ଼ଚଣା ଓ ଖଇରା ପଞ୍ଚାୟତରେ ବିଜେଡିର ଯାଜପୁର ସାଂସଦ ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ଓ ବଡ଼ଚଣା ବିଧାୟକ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ଶନିବାର ସନ୍ଧ୍ୟାରେ ରୋଡ୍ ଶୋ' ମାଧ୍ୟମରେ ସେମାନଙ୍କ ନିର୍ବାଚନୀ ପ୍ରଚାର କରିଛନ୍ତି। ବଡ଼ଚଣା ପଞ୍ଚାୟତର ଧାନଖୋଲ ମନ୍ଦିରଠାରେ ପୂଜାର୍ଚ୍ଚନା କରିବା ପରେ ସେମାନେ ପ୍ରଚାର ଆରମ୍ଭ କରିଥିଲେ। ଖଇରା ପଞ୍ଚାୟତର ଡଗରପଡ଼ାଠାରେ ପ୍ରଚାର ଶେଷ ହୋଇଥିଲା। ଉଭୟ ପ୍ରାର୍ଥୀଙ୍କ ସହିତ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ବଡ଼ଚଣା ବ୍ଲକ ବିଜୁ ଜନତାଦଳ ସଭାପତି ଅରବିନ୍ଦ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଇତିଶ୍ରୀ ସାମଲ, ନିରଞ୍ଜନ ସାହୁ, ବୈକୁଣ୍ଠ ବରାଳ, ବିନୟ ପୃଷ୍ଟି, ଆଶିଷ ରଞ୍ଜନ ଚୌଧୁରୀ, କାଞ୍ଚନବାଳା ଦାସ ଓ ନିରଞ୍ଜନ ସେନାପତି ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ। ହଜାରହଜାର ବିଜୁ ଜନତାଦଳ କର୍ମୀ ସେମାନଙ୍କୁ ଏକ ମୋଟର ସାଇକେଲ ରାଲିରେ ୨ ପଞ୍ଚାୟତ ପରିକ୍ରମା କରାଇବା ସହ ବିଜୁ ଜନତା ଦଳକୁ ଭୋଟ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ।

# ୬ରେ ଅର୍ଥନୈତିକ ଅବରୋଧ ନିଷ୍ପତ୍ତି ସ୍ଥଗିତ

- ଆପୋସ ବୁଝାମଣା କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ
- ୧୩ରେ ପୁଣି ତ୍ରିପାକ୍ଷିକ ଆଲୋଚନା

ଯାଜପୁର,୪।୫(ହର୍ଷବର୍ଦ୍ଧନ ବେହେରା)

କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତ, ଜମିହରା, କ୍ଷତିଗ୍ରସ୍ତ ବିଚାର ମଞ୍ଚ ପକ୍ଷରୁ ଆସନ୍ତା ୬ ତାରିଖରେ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଡାକରାକୁ ସ୍ଥଗିତ ରଖାଯାଇଛି। ଶନିବାର ଯାଜପୁର ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ଏହି ନିଷ୍ପତ୍ତି ନିଆଯିବା ସହ ଆସନ୍ତା ୧୩ ତାରିଖରେ ଚୂଡ଼ାନ୍ତ ବୈଠକରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି। ଉକ୍ତ ତ୍ରିପାକ୍ଷିକ ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ କଲ୍ୟାଣଙ୍କ ସମେତ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଟାଟା ଷ୍ଟିଲ ପକ୍ଷରୁ କର୍ପୋରେଟ ଚିଫ୍ ଦେବଦତ୍ତ ମହାନ୍ତି ଏବଂ ମଞ୍ଚ ପକ୍ଷରୁ ବାବୁଲି ହାଇବ୍ରୁ, ରବି ଜାରିକା, ଚିନି ସଏ, ଚକ୍ରଧର ହାଲଦା ଏବଂ ବିଶିଷ୍ଟ ଶ୍ରମିକ ନେତା ବାବୁଲି ହାଇବ୍ରୁ ପ୍ରମୁଖ ଉପସ୍ଥିତ ଥିଲେ। ୮ ବର୍ଷ ହେଲା ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି (ଆର୍‌ପିଡିଏସି) ବୈଠକ ହେଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶିଳ୍ପାୟନରେ ବିସ୍ଥାପିତ ଓ ପ୍ରଭାବିତଙ୍କ ଥଇଥାନ ଉଦ୍ଦେଶ୍ୟରେ ଆର୍‌ପିଡିଏସି ଖାଲି ଔପଚାରିକତାରେ ପରିଣତ ହୋଇଛି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଥିଲା। ଏଥିଯୋଗୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗ ସମେତ ଜମିହରା ଓ ବିସ୍ଥାପିତମାନେ ନିରାଶ ହୋଇଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅଣଓଡ଼ିଆ ନିଯୁକ୍ତି ସଂଖ୍ୟା ହୁହୁ ହୋଇ ବଢ଼ିବାରେ ଲାଗିଛି। ଥଇଥାନ ଓ ବିସ୍ଥାପନ ଆଇନ ଫାଇଲ ଭିତରେ ଚାପି ହୋଇରହିଛି। ଫଳରେ ଶତାଧିକ କ୍ଷତିଗ୍ରସ୍ତ ଅଞ୍ଚଳବାସୀ ନାହିଁ ନ ଥିବାର ସମସ୍ୟା ଭୋଗୁଛନ୍ତି। ଅଣଓଡ଼ିଆ ଠିକାସଂସ୍ଥାଗୁଡ଼ିକ ଜରିଆରେ ଓଡ଼ିଆ ଶ୍ରମିକମାନଙ୍କୁ ମାନସିକ ନିର୍ଯାତନା, ଦରମା ଓ ପଦୋନ୍ନତି ପ୍ରଦାନରେ ଟାଳଟୁଳ ନୀତି ଆଦି କ୍ଷେତ୍ରରେ ଅବହେଳା କରାଯାଉଛି ବୋଲି ମଞ୍ଚ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ଆର୍‌ପିଡିଏସି ବୈଠକ ଆୟୋଜନ କରିବାକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ସହ ମଞ୍ଚ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଆପୋସ ସମାଧାନ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୩ ତାରିଖରେ ପୁଣି ତ୍ରିପାକ୍ଷିକ ଆଲୋଚନା ହେବ ବୋଲି ବୈଠକରେ ସ୍ଥିର ହୋଇଛି।

୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ କଳିଙ୍ଗନଗର ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକମାନଙ୍କୁ ପ୍ରାୟ ଉପେକ୍ଷା କରାଯାଉଛି। ଏହାସହ ବିସ୍ଥାପିତ ଏବଂ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ ଭାବେ କ୍ଷତିପୂରଣ ଓ ଥଇଥାନ କରାଯାଇନାହିଁ। ବେଆଇନ ଜମି ଅଧିଗ୍ରହଣ, ପରିବେଶ ଓ ଜଙ୍ଗଲ କ୍ଷୟ, ଶ୍ରମିକ, କର୍ମଚାରୀଙ୍କ ପ୍ରାପ୍ୟ ନ ମିଳିବା, କ୍ଷତି ଦର୍ଶାଇ କାରଖାନା ବନ୍ଦ ଆଦି ସମସ୍ୟାକୁ ନେଇ ଏଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ଆସୁଛି। ଏସବୁ ସମାଧାନ ସହ ବିସ୍ଥାପିତମାନଙ୍କ ଉତ୍ତରାଧିକାରୀଙ୍କୁ ପୁରୁଷାନୁକ୍ରମିକ ଭାବେ ସ୍ଥାୟୀ ନିଯୁକ୍ତି ଓ ଭତ୍ତା ପ୍ରଦାନ, କଲୋନିରେ ଦିଆଯାଇଥିବା ଘରବାରିର ୨୦ ବର୍ଷର ଲିଜ୍ ପଟ୍ଟାକୁ ସଂଶୋଧନ କରାଯାଇ ସ୍ଥିତିବାନ ପଟ୍ଟା ଦିଆଯିବା ଆଦି ୩୪ଟି ଦାବିକୁ ନେଇ ୨୫ରୁ ଊର୍ଦ୍ଧ୍ୱ ସାମାଜିକ ସଂଗଠନର ମେଳି ହୋଇଛି।

# ଚାପ ସୃଷ୍ଟି କଲେ କେନ୍ଦ୍ରାପଡ଼ାର ବିକାଶ ହେବ

- ଲୋକସମ୍ବଳ ବିନିଯୋଗରେ ଦାଦନ ସମସ୍ୟା ହଟିବ
- ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ପାଇଁ ସିଙ୍ଗଲ ୱିଣ୍ଡୋ ଆବଶ୍ୟକ
- କୃଷି ଓ ପର୍ଯ୍ୟଟନକୁ ଗୁରୁତ୍ୱ ଦେବାକୁ ଦାବି

କେନ୍ଦ୍ରାପଡ଼ା,୪ା୫(ଜଗନ୍ନାଥ ଧଳ)

ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ରାପଡ଼ା ଜିଲାରେ ଭୋଟ ବର୍ଜନ ପରି ଆହ୍ୱାନ କେତେକ ଅଞ୍ଚଳରୁ ଶୁଣାଗଲାଣି । ଉତ୍କଟ ପାନୀୟ ଜଳ ସମସ୍ୟାରେ ଥିବା ଏହି ଜିଲାବାସୀ ଏହାର ସମାଧାନ ଚାହୁଁଛନ୍ତି । ମୌଳିକ ସୁବିଧା ସହ ଜିଲାର ଲୋକ ସମ୍ବଳ ବିନିଯୋଗ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉ ନ ଥିବା ଆଲୋଚନା ହେଉଛି । ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ପାଇଁ ପ୍ରଶାସନିକ ବ୍ୟବସ୍ଥା ଯଥେଷ୍ଟ ନୁହେଁ । ସିଙ୍ଗଲ ୱିଣ୍ଡୋ ଏହାର ସମାଧାନ ହୋଇପାରିବ । ସେହିପରି ଜିଲାର ଭିତ୍ତିଭୂମି କୃଷି ଓ ପର୍ଯ୍ୟଟନ ହୋଇଥିଲେ ମଧ୍ୟ ଏହାକୁ ସର୍ବଦା ଅଣଦେଖା କରାଯାଇଛି। ଜିଲା ବିକାଶରେ ଚାପ ସୃଷ୍ଟିକାରୀ ଗୋଷ୍ଠୀର ଅଭାବ ବୋଲି ସ୍ଥାନୀୟ ଜିଲାବାସୀ ମତ ଦେଇଛନ୍ତି ।

## କୃଷି ଓ କୃଷକଙ୍କୁ ଅବହେଳା

ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ କେନ୍ଦ୍ରାପଡ଼ା ଜିଲାର କୃଷି ଓ କୃଷକଙ୍କ ପ୍ରତି ସର୍ବଦା ଅବହେଳା ପ୍ରଦର୍ଶନ କରାଯାଉଛି । ଜିଲାର ଅର୍ଥନୀତି କୃଷିଭିତ୍ତିକ । ମାତ୍ର ଜଳ ପରିଚାଳନା ଏକ ମୁଖ୍ୟ ସମସ୍ୟା ହୋଇ ରହିଛି। ଆଳି, ରାଜନଗର, ରାଜକନିକାରେ ଆଦୌ କେନାଲ ନାହିଁ । ମହାକାଳପଡ଼ାରେ ମାତ୍ର ୨୦ ପ୍ରତିଶତକୁ ଜଳସେଚନ ବ୍ୟବସ୍ଥା ହୋଇଛି । ଜଳ ନିଷ୍କାସନ



ଚାଷ ପାଇଁ ବଡ ବିପଦ ହୋଇଥିବା ବେଳେ ଜିଲା ଗଠନର ୩୦ ବର୍ଷ ପରେ ମଧ୍ୟ ଏଥିପ୍ରତି ପ୍ରଶାସକ ଅଥବା ରାଜନେତା ସମ୍ବେଦନଶୀଳ ନୁହନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର କୃଷକଙ୍କ ପାଇଁ କାଳିଆ, କିଷାନ ଯୋଜନାରେ କୃଷକଙ୍କ ଅଭିବୃଦ୍ଧି ପାଇଁ ସହାୟତା ରାଶି ଯୋଗାଉଥିଲେ ମଧ୍ୟ ତୃଣମୂଳ ସମସ୍ୟାକୁ ଏଡାଇ ଯାଉଛନ୍ତି। ଫଳରେ ଯୁବବର୍ଗ ଚାଷ ପରିବର୍ତ୍ତେ ଦାଦନ ଖଟିବାକୁ ଜିଲା ବାହାରକୁ ଯାଉଛନ୍ତି ।

– ପ୍ରତାପ ଚନ୍ଦ୍ର ମହାନ୍ତି, ତାଳସଙ୍ଗା, ମାର୍ଶାଘାଇ

## ମୌଳିକ ସେବା ମିଳୁନି

ଶିକ୍ଷା, ସ୍ୱାସ୍ଥ୍ୟ, ତାଲିମ, ପାନୀୟ ଜଳ ପରି ମୌଳିକ ସମସ୍ୟାରେ ଜିଲାବାସୀ ପଡିଛନ୍ତି । ଜିଲାର ୧୭ ପଞ୍ଚାୟତକୁ ସିଧାସଳଖ ଯାତାୟତ ପଥ ନାହିଁ। ଶିକ୍ଷାନୁଷ୍ଠାନର ଭିତ୍ତିଭିମିରେ ଶିକ୍ଷକ ଅଭାବ ପ୍ରାଥମିକ ଅନ୍ତରାୟ ସୃଷ୍ଟି କରିଛି । ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ରୋଗୀଙ୍କୁ ଚିକିତ୍ସା ବଦଳରେ ଅନ୍ୟତ୍ର ଚିକିତ୍ସା ପାଇଁ ରେଫର କାଗଜ



ମିଳୁଛି । ଜିଲାର ବହୁଦିନର ଦାବି ମେଡିକାଲ କଲେଜ, କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, କୃଷି ବିଦ୍ୟାଳୟ, ସାମୁଦ୍ରିକ ଗବେଷଣାଗାର ଆଦିକୁ ଅଣଦେଖା ହେଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଏକ ମାତ୍ର ପାନୀୟ ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ରାପଡ଼ାକୁ ଚିହ୍ନଟ କରିଛନ୍ତି। ଏହାସତ୍ତ୍ୱେ ଏହାର ନିରାକରଣ ହେଉନାହିଁ । ଜିଲା ବିକାଶ ପାଇଁ ଚାପ ସୃଷ୍ଟିକାରୀ ଗୋଷ୍ଠୀର ଅଭାବ ରହିଛି।

–ସାଗର ଜେନା, କଂସାର, କେନ୍ଦ୍ରାପଡ଼ା

## କୃଷି ଓ ପର୍ଯ୍ୟଟନକୁ ଅବହେଳା

କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲାରେ ସ୍ଥାନୀୟ କୃଷି ଅବହେଳାରେ ଅଛି । ସେହିପରି ପର୍ଯ୍ୟଟନ କ୍ଷେତ୍ର ଆମକୁ ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇପାରିବ।



ମାଛ, କୁକୁଡ଼ାଠାରୁ ଆରମ୍ଭ କରି ଅର୍ଥକାରୀ ଫସଲ ପାଇଁ ଉପଯୁକ୍ତ ଜଳବାୟୁ ଓ ଭିତ୍ତିଭୂମି ଅଛି । ତେବେ ଯୋଜନା ଅଭାବରୁ ସ୍ଥାନୀୟ କୃଷି ଅବହେଳା ହେଉଛି। ଏପରି କି ଝୋଟ ଚାଷ ପାଇଁ ପ୍ରସିଦ୍ଧ ଲାଭ କରିଥିବା ଝୋଟ ଗବେଷଣା କେନ୍ଦ୍ର ବନ୍ଦ ହୋଇଛି । ସେହିପରି ଏହି ଜିଲାରେ ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱରେ ପରିଚିତ ହୋଇଥିଲେ ମଧ୍ୟ ପ୍ରଚାର ପ୍ରସାର ନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ନଗଣ୍ୟ ହୋଇଛି। ଏହାବ୍ୟତୀତ ଧାର୍ମିକ ସ୍ଥଳକୁ ସୌନ୍ଦର୍ଯ୍ୟକରଣ କରାଯାଇ ଅର୍ଥନୀତିକୁ ସୁଦୃଢ଼ କରାଯାଇ ପାରିବ ।

– ନିହାର ରଞ୍ଜନ ପ୍ରଧାନ, ଛୋଟି, କେନ୍ଦ୍ରାପଡ଼ା

## ଜିଲାର ଉତ୍ପାଦ ବାହାରକୁ ପଠାଇବାକୁ ପଡିବ

କେନ୍ଦ୍ରାପଡ଼ା ଜିଲାରେ ଖଣି ନାହିଁ । ତେବେ ବୃହତ୍ ଓ କ୍ଷୁଦ୍ର ଶିଳ୍ପ ଜିଲା ବିକାଶକୁ ଆଗେଇ ନେଇ ପାରିବ। ପ୍ରତି ନିର୍ବାଚନ ସମୟରେ ବନ୍ଦର, ଶିଳ୍ପ ଆଦି ନେଇ ପ୍ରତିଶ୍ରୁତି ମିଳୁଛି । ଏହି



ପ୍ରତିଶ୍ରୁତି ପାଳନ ପାଇଁ ଜିଲାବାସୀଙ୍କ ନିକଟରୁ ଚାପ ସୃଷ୍ଟି ହୋଇ ପାରୁନାହିଁ। କ୍ଷୁଦ୍ର ଶିଳ୍ପ ପାଇଁ ସିଙ୍ଗଲ ୱିଣ୍ଡୋ ଆବଶ୍ୟକ । ବହୁ ଯୁବ ଉଦ୍ୟୋଗୀ କ୍ଷୁଦ୍ର ଶିଳ୍ପ ପାଇଁ ଆଗ୍ରହୀ ଥିଲେ ମଧ୍ୟ ଆଇନର ବିଭିନ୍ନ କଟକଣା ବାଟବଣା କରୁଛି । ସ୍ଥାନୀୟ ଉତ୍ପାଦ ପ୍ରତି ବାହାର ଜିଲାବାସୀଙ୍କ ଅପେକ୍ଷା ନାହିଁ । ବରଂ ଜିଲା ବାହାର ଉତ୍ପାଦ ଉପରେ ଆମେ ନିର୍ଭରଶୀଳ ହେଉଛୁ । କର୍ମ ନିଯୁକ୍ତି ସହିତ ଜିଲାର ଉତ୍ପାଦ ଜିଲା ବାହାରକୁ ଗଲେ ଜିଲାର ଅର୍ଥନୀତିରେ ଅଗ୍ରଗତି ହେବ ।

– ଶୁଭାଷିଶ ଷଡ଼ଙ୍ଗୀ,
ରାଜକନିକା, କେନ୍ଦ୍ରାପଡ଼ା।

# ଆଳି ଧୋୟାଞ୍ଚଳରେ ଭାଜପା ପ୍ରାର୍ଥୀଙ୍କ ରୋଡ୍ ଶୋ



ଭାଜପା ପ୍ରାର୍ଥୀ କର୍ମୀଙ୍କ ସହ ରୋଡ୍ ଶୋ'ରେ ଯାଉଛନ୍ତି।

ଆଳି,୪ା୫(ବନମାଳୀ ସେନାପତି)

ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଳି ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟରମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଭିନ୍ନ ପ୍ରକାର ରଣକୌଶଳ ଚଳାଇଛନ୍ତି । କେଉଁଠି କର୍ମୀ ସମାବେଶ ତ ଆଉ କେଉଁଠି ରୋଡ଼ ଶୋ କରି ପ୍ରାର୍ଥୀମାନେ ଭୋଟରଙ୍କ ମନ ଜିଣିବାର ଚେଷ୍ଟା ଜାରି ରଖିଛନ୍ତି । ଏହି ଅବସରରେ ଆଳି ନିର୍ବାଚନ ମଣ୍ଡଳୀର ୧ ନମ୍ବର ଜୋନରେ ଭାଜପା ପକ୍ଷରୁ ଏକ ରୋଡ଼ ଶୋ ଅନୁଷ୍ଠିତ ହୋଇଯାଇଛି । ଭାଜପାର ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା,କେନ୍ଦ୍ରାପଡ଼ା ଜିଲା ସଭାପତି କିଶୋର ପଣ୍ଡା, ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ବ୍ରଜ ସୁନ୍ଦର ଭୂୟାଁ,ବୈକୁଣ୍ଠ ପରିଡ଼ାଙ୍କ ସମେତ ଶତାଧିକ କର୍ମୀ ମାନପୁର ସେତୁ ନିକଟରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ସଂସିଧା, ପେଟପଡା, ଏରଦେସାହି, ଗୋବିନ୍ଦପୁର ଅଞ୍ଚଳ ପରିକ୍ରମା କରି ଅରଗଳରେ ପହଞ୍ଚି ଥିଲେ ।

# ଶ୍ୱଶୁରଙ୍କ ଶାବଳ ମାଡ଼ରେ ବୋହୂ ଗୁରୁତର

ମାର୍ଶାଘାଇ,୪ା୫(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ଧନିଆପଡ଼ା ଗ୍ରାମରେ ପାରିବାରିକ କଳହକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି । ଶ୍ୱଶୁରଙ୍କ ଶାବଳ ମାଡ଼ରେ ବୋହୂ ଗୁରୁତର ହୋଇଛନ୍ତି । ପୁଣି ଆଇଙ୍କ କାମୁଡାରେ ନାତୁଣୀ ଆହତ ହୋଇଥିବା ଅଭିଯୋଗ ହୋଇଛି ।

ଧନିଆପଡ଼ା ଗ୍ରାମର ଫକୀର ବେହେରାଙ୍କ ଝିଅ ଲୋପାମୁଦ୍ରା ମାର୍ଶାଘାଇ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ବାପା ଫକୀର ବର୍ଷକ ପୂର୍ବେ ମୋ ବୋଉ ଓ ଆମ ୩ ଭଉଣୀଙ୍କୁ ଛାଡି ଅନ୍ୟ ଜଣେ ମହିଳାଙ୍କ ସହ ବାହାରେ ରହୁଥିଲେ। ଉକ୍ତ ମହିଳାଙ୍କ ଏକ କନ୍ୟା ସନ୍ତାନ ଜନ୍ମ ପରେ ବାପା ଆମ ଘରେ ରହିବା ପାଇଁ ମୋ ଜେଜେ ଓ ଜେଜେ ମା'ଙ୍କୁ ପ୍ରବର୍ତ୍ତାଉ ଆସୁଥିଲେ । ବିଭିନ୍ନ ସମୟରେ ଜେଜେ ଆମ ମାଆ ଓ ଆମ ୩ ଭଉଣୀଙ୍କୁ ଗାଳିଗୁଲଜ କରି ଘରୁ ବାହାରିଯିବା ପାଇଁ କହୁଥିଲେ । ଶୁକ୍ରବାର ଜେଜେ ଉତ୍ୟକ୍ତ ହୋଇ ଏକ ଶାବଳରେ ମୋ ବୋଉଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମୋ ବୋଉ ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତ ବାହାରିଛି। କେବଳ ଏତିକି ନୁହେଁ, ମୁଁ ଏହାର ପ୍ରତିବାଦ କରିଥିବାରୁ ମୋ ଜେଜେ ମା'ମୋତେ କାମୁଡ଼ି କ୍ଷତାକ୍ତ କରିଥିଲେ । ଆମ ଚିତ୍କାର ଶୁଣି ପଡ଼ୋଶୀ ଲୋକମାନେ ଆସି ଆମମାନଙ୍କୁ ଉଦ୍ଧାର କରି ପ୍ରଥମେ ମାର୍ଶାଘାଇ ଓ ପରେ କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି ।

# ପଟ୍ଟାମୁଣ୍ଡାଇ ନଗର ମହିଳା ବିଜେଡି ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୪ା୫(କଳ୍ପତରୁ ନାୟକ)

ଶନିବାର ଡିଭାଇନ ମଣ୍ଡପଠାରେ ନଗର ମହିଳା ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନଗର ମହିଳା ବିଜେଡି ସଭାନେତ୍ରୀ କାଉନସିଲର ଲାସ୍ୟମୟୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳା ସଶକ୍ତିକରଣ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ବିଶ୍ୱରେ ରୋଲ ମଡେଲ ପାଲଟିଛନ୍ତି। ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରିତାରେ ମହିଳାଙ୍କ ପ୍ରତ୍ୟକ୍ଷ ଭୂମିକା ସେମାନଙ୍କୁ ସଶକ୍ତ କରିଛି । ଓଡ଼ିଶା ପ୍ରଗତିର ସାରଥୀ ମହିଳାମାନେ ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ସାରଥୀ ହୋଇ ବିକାଶଧାରାକୁ ଆଗେଇ ନେବା ସହିତ ମହିଳା କଲ୍ୟାଣ ଯୋଜନା ଘରେ ଘରେ ପହଞ୍ଚାଇ ବିଜେଡିର ରେକର୍ଡ ବିଜୟକୁ ନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ । ଜିଲା ମହିଳା ବିଜେଡି ଉପସଭାନେତ୍ରୀ ତଥା ପୂର୍ବତନ ପୌର ଅଧ୍ୟକ୍ଷା ବୈଜୟନ୍ତୀମାଳା ଲେଙ୍କା, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନଗର ବିଜେଡି ଉପସଭାପତି ଦିଗାମ୍ବର ମିଶ୍ର ଭାଷଣ ଦେଇ ମହିଳାମାନେ ବିଜେଡି ବିଜୟ ରଥ ସାରଥୀ ହୋଇ ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ରେକର୍ଡ ଭୋଟରେ ବିଜୟୀ କରି ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ । ଏହି ବୈଠକରେ କାଉନସିଲର ଲକ୍ଷ୍ମୀପ୍ରିୟା ସାହୁ, ଅନୁପ୍ରିୟା ସାହୁ, ମଧୁସ୍ମିତା ମଲିକ, ପ୍ରିୟଙ୍କା ସେଠୀ, ସାନିଆ ପରମିନ ସାହେବା, ଝରଣା ବେହେରା, ରୀନାରାଣୀ ମଲିକ, ନାରୀନେତ୍ରୀ ଅନୁସୂୟା ସାହୁ, ଲକ୍ଷ୍ମୀପ୍ରିୟା ପାଢ଼ୀ ପ୍ରମୁଖ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଯୁବନେତା ବାବନ ସାହୁ, ନିରାକାର ସାହୁ, ନଟବର ସେଠୀ, ରାଜେନ୍ଦ୍ର ଦାଶ ପରିଚାଳନା କରିଥିଲେ ।

# ବାଲକାଟୀରେ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ।

ଆଳି,୪ା୫(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଲକାଟୀ ଗ୍ରାମର ମା'ରୁକ୍ମିଣୀ ଡ୍ରାମାଟିକ କ୍ଲବ ପକ୍ଷରୁ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ କଣ୍ଟିପୁର ସେବା ସମବାୟ ସଭାପତି ଦିବାକର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ସରପଞ୍ଚ ସୁକାନ୍ତି ପରିଡ଼ା, ସମିତି ସଭ୍ୟ ବିପିନ ବିହାରୀ ସାହୁ,ଗ୍ରାମ କମିଟି ସଭାପତି ରବୀନ୍ଦ୍ର ସାହୁ, ଉପଦେଷ୍ଟା ମଣ୍ଡଳୀ ସଭାପତି ଗୋପାଳ ଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମ ରାତିରେ ସିଙ୍ଗିରି ଓ ଦ୍ୱିତୀୟ ରାତିରେ କଳସପୁର ଡ୍ରାମାଟିକ କ୍ଲବର କଳାକାରମାନେ ନାଟକ ପରିବେଷଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଜାଗ୍ରତ ଯୁବକ ସଂଘ ପକ୍ଷରୁ ଆଇନଜୀବୀ ରାଧାକାନ୍ତ ବିଶ୍ୱାଳଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଆଜିର ଯୁବକମାନେ ଆଧୁନିକତାର ଦ୍ୱାହି ଦେଇ ଓଡ଼ିଆ କଳା ସଂସ୍କୃତିଠାରୁ ଦୂରେଇ ଯାଉଛନ୍ତି । ହେଲେ ସେହି ସମୟରେ ବାଲକାଟୀ ଗାଁର ଯୁବକମାନେ କଳା,ସଂସ୍କୃତିକୁ ଜାବୁଡି ଧରି ନାଟକ ପରିବେଷଣ କରିବା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି କହିଥିଲେ । ଏହି ଅବସରରେ ନାଟକ ପାଇଁ ଅହରହ ଉଦ୍ୟମ କରୁଥିବା ଦୀନବନ୍ଧୁ ମହାଳିକଙ୍କୁ 'ନାଟ୍ୟ ମଣିଷ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ୨୨ ଥର ରକ୍ତଦାନ କରିଥିବା ସାମାଜିକ କର୍ମୀ ରାକେଶ କୁମାର ବାରିକଙ୍କୁ 'ବିପଦ ବନ୍ଧୁ ସମ୍ମାନ ଓ ନିକଟ ଅତୀତରେ ଖରସ୍ରୋତା ନଦୀରୁ ୩ ଜଣଙ୍କ ଜୀବନ ଉଦ୍ଧାର କରିଥିବା ବୀରେନ ରାଉତ, ସୁଶାନ୍ତ ମଲିକ,ଅଭିଷେକ ମଥାନ, କୁମାର ଶିବୁ ଓ ଅମର ମଲିକଙ୍କୁ 'ବାଲକାଟୀ ଯୋଦ୍ଧା ସମ୍ମାନ'ରେ ସମ୍ମାନିତ କରାଯିବା ସହିତ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ନାଟକ ପ୍ରତିଯୋଗିତାରେ କଳସପୁର କ୍ଲବ ପ୍ରଥମ, ସିଙ୍ଗିରି ଡ୍ରାମାଟିକ କ୍ଲବ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଡ୍ରାମାଟିକ କ୍ଲବର ସମ୍ପାଦକ ଦିନବନ୍ଧୁ ମହାଳିକ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଜାଗ୍ରତ ଯୁବକ ସଂଘ ସଭାପତି ଦୀପକ କୁମାର ସାହୁ, ସମ୍ପାଦକ ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବାଲକାଟୀ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।

# ସମବାୟ ସମିତି ସମ୍ପାଦକ ନିଲମ୍ବିତ

## ଟ୍ରିବ୍ୟୁନାଲଙ୍କ ଆଦେଶ ଅବମାନନା ଅଭିଯୋଗ

ପଟ୍ଟାମୁଣ୍ଡାଇ,୪ା୫(ଅକ୍ଷୟ ବିଶ୍ୱାଳ)

ଓଡ଼ିଶା ରାଜ୍ୟ ସମବାୟ ଟ୍ରିବ୍ୟୁନାଲଙ୍କ ଆଦେଶ ଅବମାନନା ଅଭିଯୋଗରେ ବଡ଼ପଡା ପ୍ରାଥମିକ କୃଷି ସମବାୟ ସମିତି ଭାରପ୍ରାପ୍ତ ସମ୍ପାଦକ କୃଷ୍ଣ ଜୀବନ ଦାଶଙ୍କୁ ତାଙ୍କ ପଦବୀରୁ ନିଲମ୍ବିତ କରାଯାଇଛି। ଏ ନେଇ ବଡ଼ପଡା ପ୍ରାଥମିକ କୃଷି ସମବାୟ ସମିତିରେ ଗତ ମାସ ୨୭ ରେ ଅନୁଷ୍ଠିତ ପରିଚାଳନା ପରିଷଦ ବୈଠକରେ ନିଷ୍ପତ୍ତି ନିଆଯିବା ସହିତ ନିଲମ୍ବନ ଆଦେଶ ସମ୍ପର୍କରେ ଓଡ଼ିଶା ସମବାୟ ସମିତି ନିବନ୍ଧକ,ଓଡ଼ିଶା ସମବାୟ କମିଶନର,କେନ୍ଦ୍ରାପଡ଼ା ଜିଲାପାଳ,ସମବାୟ ସମିତି କେନ୍ଦ୍ରାପଡ଼ା ଡିଭିଜନର ଉପନିବନ୍ଧକ,କଟକ ସିସିଭି ସମ୍ପାଦକ,କଟକ ସିସିଭି ଶାଖା ପରିଚାଳକ ଓ ପଟ୍ଟାମୁଣ୍ଡାଇ ବ୍ଲକ କ୍ଷେତ୍ରାଧିକାରୀଙ୍କୁ ଜଣାଇ ଦିଆଯାଇଛି।

ସୂଚନାଯୋଗ୍ୟ, ବଡ଼ପଡା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ନିର୍ବାଚନରେ ଚଞ୍ଚକତା କରାଯାଇ ଅଶୋକ ମଲିକଙ୍କ ସ୍ଥାନରେ ଧନୁର୍ଜୟ ସ୍ୱାଇଁଙ୍କୁ ସଭାପତି ଘୋଷଣା କରାଯାଇଥିଲା। ଏହାର ପ୍ରତିବାଦରେ ଅଶୋକ ରାଜ୍ୟ ସମବାୟ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରିଥିଲେ। କୋର୍ଟ ଅଶୋକଙ୍କୁ ସଭାପତି ଘୋଷଣା କରି ଏହାକୁ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଥିଲେ। ରାଜ୍ୟ ସମବାୟ ନିର୍ବାଚନ କମିଶନ ଓ କେନ୍ଦ୍ରାପଡା ଉପନିବନ୍ଧକଙ୍କ ଆଦେଶକୁ ସମ୍ପାଦକ କୃଷ୍ଣ ଜୀବନ ଦାଶ କାର୍ଯ୍ୟକାରୀ ନ କରିବା ଓ ଗତ ମାର୍ଚ୍ଚ ୩୦ରୁ ଅଫିସ ଆସୁ ନ ଥିବାରୁ ବଡ଼ପଡା ପ୍ରାଥମିକ କୃଷି ସମବାୟ ସମିତ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିବା ସମବାୟ ସମିତି ସଭାପତି ଅଶୋକ ମଲିକ କହିଛନ୍ତି।

# ବଳରାମପୁରରେ ବିଜେଡିର କର୍ମୀ ସମ୍ମିଳନୀ

ରାଜକନିକା,୪ା୫(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତରେ ଶନିବାର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରାଙ୍କ ନେତୃତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗଦେଇ ପୁଣିଥରେ ତାଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ନିବେଦନ କରିଛନ୍ତ। ଏଥିରେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ,କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ପ୍ରତିନିଧି ମଳୟ ଓଝା,ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା,ମହିଳା ସଭାନେତ୍ରୀ ସଂଯୁକ୍ତା ଶତପଥୀ, ବ୍ଲକ ଅଧକ୍ଷା ମିନତୀ ରାଉତ,ପୂର୍ବତନ ବ୍ଲକ ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ,ଜିଲା ପରିଷଦ ପ୍ରତାପ ବେହେରା, ଯୁବ ସଙ୍ଗଠକ ମନୋରଞ୍ଜନ ବିହାରୀ, କୈଳାଶ ଦାସ, ସୁବଳ ଚନ୍ଦ୍ର ସାହୁ, ଗଙ୍ଗାଧର ଦାସ, ଡ଼ମ୍ବରୁଧର ଦାସ,ହରିଶ ମହାପାତ୍ର, ଉମେଶ ବେହୁରା,ଶରତ ମଲିକ, ବରିଷ୍ଠ ବିଜେଡି ନେତା କୈଳାଶ ଚନ୍ଦ୍ର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଷା କୁକୁରକୁ ନିଶା ଦେଇ ଲୁଟି ନେଲେ ଅଳଙ୍କାର, ଲକ୍ଷାଧିକ ଟଙ୍କା





ବାଡ଼ିପଟେ ପଡିଥିବା ଆଟାଚ ଓ ବାକ୍ସ ଏବଂ ନିଶାଦ୍ରବ୍ୟ ଖାଇବା ପରେ ଅଚେତ ଅବସ୍ଥାରେ ପୋଷା କୁକୁର ।

ମହାକାଳପଡ଼ା,୪ା୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ସ୍ଥାନୀୟ ଦଧିପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର ଡକାୟତି ଘଟଣା ଘଟିଛି । ଡକାୟତମାନେ ପୋଷା କୁକୁରକୁ ନିଶା ଦେଇ ଲକ୍ଷାଧିକ ଟଙ୍କାର ସୁନା,ରୁପା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁଯାୟୀ, ଦଧିପୁର ଗ୍ରାମର ଅମିୟ ପ୍ରଧାନଙ୍କ ପରିବାର ପଡ଼ୋଶୀ ଗ୍ରାମରେ ପରିବେଷଣ ହେଉଥିବା ରାମଲୀଳା ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ବାଡ଼ି ପାଖ କବାଟ ତାଡ଼ି ଘରେ ପଶିଥିଲେ । ଏହାପରେ ସେମାନେ ଆଟାଚ ଓ ବାକ୍ସରେ ଥିବା ବହୁ ପରିମାଣରେ ସୁନା ରୁପା ଅଳଙ୍କାର ସହିତ ନଗଦ ଟଙ୍କା ଲୁଟି ନେଇଥିବା ମହାକାଳପଡ଼ା ଥାନାରେ ଅମିୟ କୁମାର ପ୍ରଧାନ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ସମସ୍ତ ସାମଗ୍ରୀ ନେଇଯିବା ପରେ ବାଡ଼ିପଟର କିଛି ବାକ୍ସ ଓ ଆଟାଚ ପକାଇ ଚାଲି ଯାଇଛନ୍ତି । ଅପରପକ୍ଷେ ସେମାନେ ଘରେ ପ୍ରବେଶ କରିବା ପୂର୍ବରୁ ପ୍ରଥମେ ଘରର ୨ ପୋଷା କୁକୁରକୁ ଖାଦ୍ୟରେ ନିଶା ଦେଇଥିଲେ। ନିଶାରେ କୁକୁରଦ୍ୱୟ ଅଚେତ ହୋଇ ପଡିଥିବା ବେଳେ ଦୁର୍ବୃତ୍ତମାନେ ସର୍ବସ୍ୱ ଲୁଟି ନେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ମହାକାଳପଡ଼ା ଥାନା ଅଧିକାରୀ ବିମଳ କୁମାର ମଲିକଙ୍କ ନେତୃତ୍ୱରେ ପୋଲିସ ତଦନ୍ତ ଆରମ୍ଭ କରିଛି । ସ୍ଥାନୀୟ ଲୋକମାନେ କହିଛନ୍ତି ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର କେତେଜଣ ଦୁର୍ବୃତ୍ତଙ୍କ ହାତ ରହିଛି ।

# 'ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଗୌରାଙ୍ଗ ଚରଣ'

ଆଳି,୪ା୫(ବନମାଳୀ ସେନାପତି)



ଗୌରାଙ୍ଗ ଚରଣ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ସଭାରେ ଉପସ୍ଥିତ ଅତିଥି।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅନ୍ତର୍ଗତ ନିଆଳ ସପ୍ତଶାଳା ପଡ଼ିଆର ଆଳିଯାଦବ ମହାସଭା ଦ୍ୱାରା ନିର୍ମିତ ରାଧାକୃଷ୍ଣ ମନ୍ଦିର ପରିସରରେ ଗୌରାଙ୍ଗ ଚରଣ ଦାସଙ୍କ ୧୩ ତମ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ଚରଣ ଦାସ ସ୍ମୃତି କମିଟିର ସଭାପତି ବିଜୟ କୁମାର ମହାକୁଡ଼ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କବି ତଥା ପତ୍ରପୁର ସାମନ୍ତସିଂହାର କେଲୁଚରଣ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆରାଧନା ଦାଶ, ମୁଖ୍ୟବକ୍ତା ଭାବେ ଚଣ୍ଡିଆଗଡି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାଶ, ସମ୍ମାନିତ ଅତିଥି କବି ତଥା ପରାଗ ପତ୍ରିକାର ସମ୍ପାଦକ ବନମାଳୀ ସେନାପତି ଓ ଶିକ୍ଷାବିତ୍ ଅଶୋକ କୁମାର ବଳ ପ୍ରମୁଖ ଯୋଗଦେଇ କହିଥିଲେ ଗୌରାଙ୍ଗ ଚରଣ ଜଣେ ବ୍ୟକ୍ତି ନ ଥିଲେ ସେ ଥିଲେ ଗୋଟିଏ ଅନୁଷ୍ଠାନ। ଜଣେ ଶିକ୍ଷାବିତ୍ ଭାବେ ସେ ଚିର ସ୍ମରଣୀୟ ହୋଇ ରହିବେ। ତାଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଆୟତପୁର ଲକ୍ଷ୍ମୀ ବରାହ ମହାବିଦ୍ୟାଳୟ ତାଙ୍କୁ ଚିରକାଳ ଅମର କରି ରଖିବ। ଜଣେ ଭଲ ମଣିଷ ଓ ଭଲ ଶିକ୍ଷକ ଓ ଶିକ୍ଷକ ସଂଘର ନେତୃତ୍ୱ ନେବାରେ ସେ ମାହିର ଥିଲେ। ଅଞ୍ଚଳର ଉନ୍ନତି ପାଇଁ ସଦାସର୍ବଦା ସେ ଅଞ୍ଚଳର ଜନପ୍ରତିନିଧିମାନଙ୍କ ନିକଟରେ ଦାବି ଉପସ୍ଥାପନ କରୁଥିଲେ। ସାହିତ୍ୟ କ୍ଷେତ୍ରରେ ମଧ ତାଙ୍କର ଅବଦାନ କମ ନ ଥିଲା । ସେ ପରଲୋକ ପର୍ଯ୍ୟନ୍ତ ପରାଗ ସାହିତ୍ୟ ସଂସଦର ଜଣେ ଆଜୀବନ ସଦସ୍ୟ ଥିଲେ। ଆଳିରେ ରାଧାକୃଷ୍ଣ ମନ୍ଦିର ନିର୍ମାଣରେ ତାଙ୍କର ଅବଦାନ ଅବିସ୍ମରଣୀୟ। ତେଣୁ ବାସ୍ତବରେ ସେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ଦାସ,ସାମାଜିକ କର୍ମୀ ଦଶରଥ ମଲିକ, ଧନେଶ୍ୱର ରାଉତ ଓ କବି ଗୋବିନ୍ଦ ଚନ୍ଦ୍ର ନନ୍ଦ ପ୍ରମୁଖ ଗୌରାଙ୍ଗ ଚରଣଙ୍କ ସ୍ମୃତି ଚାରଣ କରିଥିଲେ। ଆଳି ଯାଦବ ମହାସଭାର ସଭାପତି ଶେଖର ଚନ୍ଦ୍ର ବାରିକ, ସମ୍ପାଦକ ଧରଣୀଧର ବେହେରା, ଉପସଭାପତି ମଧୁସୂଦନ ଦାସ, ଅମୂଲ୍ୟ ବେହେରା,ମନୋଜ ଦାସ ଓ ଗୌରାଙ୍ଗ ଚରଣଙ୍କ ଦୁଇ ପୁଅ ଅବିନାଶ ଓ ଅବକାଶ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷକ ଅଶୋକ କୁମାର ବଳ ଓ ଶଙ୍କର କୁମାର ସାମଲଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ସଂକ୍ଷେପରେ

### ପ୍ରାର୍ଥୀପତ୍ର ଯାଞ୍ଚ ଶେଷ, ଆସିକାର ଜଣେ କଟିଲେ

**ଭଞ୍ଜନଗର,୪।୫(ବାବୁଲା ପ୍ରଧାନ):** ଭଞ୍ଜନଗର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଆସିକା, ସୋରଡା ଏବଂ ଭଞ୍ଜନଗର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଯାଞ୍ଚ ହୋଇଥିଲା। ଏହି ସମୟରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ କାଗଜ ପତ୍ର ଠିକ ନଥିବା ଯୋଗୁଁ ତାଙ୍କର ନାମାଙ୍କନ ପତ୍ର ନାକଚ ହୋଇଯାଇଛି । ଅନ୍ୟ ସମସ୍ତ ୬ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାୟମ ଅଛି। ସେହିଭଳି ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ସମସ୍ତ ୧୦ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାୟମ ଅଛି। ସୋରଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ୭ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାୟମ ଅଛି। କିନ୍ତୁ ସୋରଡ଼ା କଂଗ୍ରେସ ପ୍ରାର୍ଥୀ ହରିକୃଷ୍ଣ ରଥଙ୍କ ଦଳୀୟ ଟିକେଟରେ କିଛିଟା ତ୍ରୁଟି ଥିବା ଯୋଗୁଁ ତାଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଗଲା ବୋଲି ସହରରେ ପ୍ରଚାର ହୋଇଥିଲା, ଯାହାକୁ ନେଇ ସୋରଡ଼ା ଏବଂ ଭଞ୍ଜନଗରରେ ଆଜି ନାନା ଚର୍ଚ୍ଚା ହୋଇଥିଲା। କିନ୍ତୁ ନିର୍ବାଚନ ଅଧିକାରୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ତାହା ଠିକ ଥିବା ଜଣାପଡିଥିଲା।

### ରକ୍ତଦାନ ସଚେତନତା କର୍ମଶାଳା

**ଛତ୍ରପୁର, ୪।୫ (ଦିଲୀପ ସାମଲ):** ଛତ୍ରପୁରସ୍ଥିତ ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟଠାରେ ଯୁବ ରେଡକ୍ରସ ତଥା ରେଡ ରିବନ କ୍ଲବ ତରଫରୁ ରକ୍ତଦାନ ସଚେତନତା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ପୂର୍ବତନ ଯୁବ ରେଡକ୍ରସ ସଂଯୋଜକ ବି ଗୋବିନ୍ଦ ରାଓ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ଏଡ଼ସ ସଚେତନତା ସମ୍ପର୍କିତ କୁଇଜ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଯୁବ ରେଡକ୍ରସ ତରଫରୁ ଅଧ୍ୟାପକ ମନୋରଞ୍ଜନ ମହାରଣା, ଡ. ମିଲିମିତା ପାଢ଼ୀ ଓ ଡ. ମାନସ କୁମାର ତ୍ରିପାଠୀ ତଥା ପ୍ରଶାସନିକ ଅଧିକାରୀ ଡ. ପିଙ୍କିରାଣୀ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ।

### କବାଟ ଭାଙ୍ଗି ସୁନାଗହଣା, ଟଙ୍କା ଚୋରି

**ଖଲ୍ଲିକୋଟ,୪।୫(ପ୍ରଶାନ୍ତ କୁମାର ମିଶ୍ର):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର (ଲୋଙ୍ଘର) ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତ୍ରରେ ରବିନାରାୟଣ ପଣ୍ଡାଙ୍କ ଘରେ ଚୋର ପଶି କବାଟ ଗେଡା ଭାଙ୍ଗି ଟଙ୍କା, ସୁନା ଚୋରି କରିନେଇ ଯାଇଛନ୍ତି। ଘରେ କେବଳ ରବିଙ୍କ ମା ଏକା ରହିଥିଲେ। ସେ ଶୋଇଥିବା ବେଳେ ଚୋରମାନେ କବାଟ ଗେଡା ଭାଙ୍ଗି ଘରେ ପଶି ସୁନା, ଟଙ୍କା ଚୋରି କରିନେଇଥିଲେ। ଶନିବାର ଏ ନେଇ ଖଲ୍ଲିକୋଟ ଥାନାରେ ରବି ଏତଲା ଦେଇଛନ୍ତି।

### ନିଶା କାରବାର ରୋକିବାକୁ ଗୁଦାରୀ ଗାଁରେ ଚଢ଼ାଉ



**ଖଜୁରିପଡ଼ା,୪।୫(ବିଦୁର ବେହେରା)** ଦିନକୁଦିନ ବଢ଼ୁଥିବା ନିଶା କାରବାର ରୋକିବା ପାଇଁ ପୋଲିସ ଏବଂ ଅବକାରୀ ବିଭାଗର ପ୍ରୟାସ ଜାରି ରହିଛି। ଶନିବାର ଖଜୁରିପଡ଼ା ଥାନା ଅନ୍ତର୍ଗତ ଗୁଦାରୀ ଗାଁରେ ଉଭୟ ଅବକାରୀ ବିଭାଗ ଏବଂ ଖଜୁରିପଡ଼ା ପୋଲିସର ମିଳିତ ଉଦ୍ୟମରେ ଚଢ଼ାଉ କରାଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ମଦ ଏବଂ ପୋଚ ନଷ୍ଟ କରାଯାଇଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି।

### ପୋଲସରାରେ ଭାଜପାର ମିଶ୍ରଣ ପର୍ବ

**ପୋଲସରା,୪।୫(ସୁବ୍ରତ ବେହେରା)** ଘୁମୁସର ଜିଲା ପୋଲସରା ଦାଶରଥି ନଗର ଭାଜପା କାର୍ଯ୍ୟାଳୟଠାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଉକ୍ତ ମିଶ୍ରଣରେ ଭାରତର ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ଓ ଉନ୍ନତି ମୂଳକ କାର୍ଯ୍ୟ ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ପୋଲସରା ବିଜେଡି ବିଧାୟକ ଆଶାୟୀ ପ୍ରାର୍ଥୀ ତଥା ଆଇନଜୀବୀ ମନୋଜ କୁମାର ରଥ ଓ କଳମ୍ବ ଗ୍ରାମ ପଞ୍ଚାୟତର ପ୍ରଶାନ୍ତ କୁମାର ପ୍ରଧାନ ବିଜେଡି ପରିତ୍ୟାଗ କରି ଶତାଧିକ କର୍ମୀମାନଙ୍କୁ ନେଇ ଭାଜପାରେ ସାମିଲ ହୋଇଛନ୍ତି। ଉକ୍ତ ସମୟରେ ଘୁମୁସର ଜିଲା ସଭାପତି ତଥା ପୋଲସରା ଭାଜପା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ସ୍ୱାଗତ ଜଣାଇଛନ୍ତି।

# ନାମାଙ୍କନ ଦାଖଲ ଶୋଭାଯାତ୍ରାରେ ଶକ୍ତି ପ୍ରଦର୍ଶନ

- ପ୍ରତ୍ୟୁଷାଙ୍କ ଶୋଭାଯାତ୍ରାରେ ୨ ଘଣ୍ଟା ଧରି ରାସ୍ତା ଜାମ୍
- କଂଗ୍ରେସ ଶୋଭାଯାତ୍ରା ବି ଭିଡ଼ ଜମାଇଲା

**ନୟାଗଡ଼,୪।୫(ଲୋକନାଥ ମିଶ୍ର)**



ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।



ରଣପୁରର କଂଗ୍ରେସ ପ୍ରାର୍ଥୀ ବିଭୁପ୍ରସାଦ ମିଶ୍ର ନାମାଙ୍କନ ପାଇଁ ଶୋଭାଯାତ୍ରାରେ ଆସୁଛନ୍ତି।

ନୟାଗଡ଼ରେ ନାମାଙ୍କନ ପତ୍ର ଦାଖଲ ବେଳେ ପ୍ରାର୍ଥୀମାନେ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ପ୍ରତିଯୋଗିତା ଆରମ୍ଭ କରିଛନ୍ତି । ଶନିବାର ଭାଜପାର ନୟାଗଡ଼ ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଶୋଭାଯାତ୍ରା ଯୋଗୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ସହରରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇଥିଲା। ଲୋକେ ଗଳିକନ୍ଦିରେ ଯାତାୟତ କରିବାକୁ ବାଧ୍ୟ ହୋଇଥିଲେ। ସେହିପରି କଂଗ୍ରେସର ରଣପୁର ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ବିଭୂ ପ୍ରସାଦ ମିଶ୍ରଙ୍କ ଶୋଭାଯାତ୍ରାରେ ମଧ୍ୟ ଅଧିକ ସଂଖ୍ୟକ ସମର୍ଥକ ଦେଖିବାକୁ ମିଳିଥିଲା ।

ପ୍ରତ୍ୟୁଷା ଦୁର୍ଗାପ୍ରସାଦ ଛକଠାରୁ ଶୋଭାଯାତ୍ରାରେ ଆସି ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶୋଭାଯାତ୍ରା ଶନିବାର ପୂର୍ବାହ୍ନ ସାଢ଼େ ୯ଟାରୁ ସିନ୍ଦୁରିଆ ଛକରୁ ବାହାରିଥିବାବେଳେ ପ୍ରାୟ ୨ ଘଣ୍ଟା ଧରି ସନ୍ଦୁରିଆଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଶୋଭାଯାତ୍ରା ଲାଗି ରହିଥିଲା। ଫଳରେ ଜାତୀୟ ରାଜପଥରେ ଭିଡ଼ ହୋଇଥିଲା। ଶୋଭାଯାତ୍ରାରେ ପ୍ରତ୍ୟୁଷାଙ୍କ ସହ ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ୍ ପାତ୍ର, ପ୍ରତ୍ୟୁଷାଙ୍କ ପୁଅ ଅରଣ୍ୟ ରାଜ କିଶୋର ସିଂ ଓ ଝିଅ ଦାକ୍ଷାଣି ମଞ୍ଜରି ସିଂ, ଭାଜପା ନେତ୍ରୀ ଲିଙ୍କନ ସୁବୁଦ୍ଧି ସାମିଲ ହୋଇଥିଲେ । ଛୋଟ ଛୋଟ ପିଲା ରାମ, ଲକ୍ଷ୍ମଣ, ସୀତା ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ଭାଗ ନେଇଥିଲେ । ପ୍ରତ୍ୟୁଷା ରିଟର୍ଣ୍ଣିଂ ଅଫିସର ତଥା ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।

ସେହିପରି ରଣପୁରର କଂଗ୍ରେସ ପ୍ରାର୍ଥୀ ବିଭୁପ୍ରସାଦ ମିଶ୍ର ଚାନ୍ଦପରରୁ ବାଇକ୍ ଓ ଗାଡ଼ି ଶୋଭାଯାତ୍ରା ଗୋପାଳପୁର, ରଣପୁର, ଦର୍ପନାରାୟଣପୁର, ଗୋଡିପଡା, ଶରଣକୂଳ ଦେଇ ନୟାଗଡ଼ରେ ପହଞ୍ଚି ଥିଲେ । ନୟାଗଡ଼ ତ୍ରିନାଥ ଛକ ଠାରୁ ପଦଯାତ୍ରାରେ ବାହାରି ବିଭୂ ଜିଲାପାଳ ଅଫିସକୁ ଯାଇ ନାମାଙ୍କନ ପତ୍ର ନୟାଗଡ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳଙ୍କ ନିକଟରେ ଦାଖଲ କରିଛନ୍ତି। ଗତ ଶୁକ୍ରବାର ବିଭୂ ନାମାଙ୍କନ ପତ୍ର ଦାଖଲ ମଧ୍ୟ କରିଥିଲେ। ବିଭୂଙ୍କ ସହ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ଉପସ୍ଥିତ ଥିଲେ।

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ପକ୍ଷରୁ ତଦନ୍ତ ଜାରି**

**ଖଣ୍ଡପଡ଼ା, ୪।୫ (ଅଜୟ କୁମାର ମହାରଣା)**




ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ଅଞ୍ଚଳରୁ ଶୁକ୍ରବାର ରାତିରେ ୨ଜଣଙ୍କ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଖଳିସାହି ତେଲିସାହିର ଅଶୋକ କୁମାର ସାହୁ ଓ ପଡ଼ୋଶୀ ଶିକ୍ଷକ ସ୍ୱପ୍ନେଶ୍ୱର ସାହୁଙ୍କ ଘର ପଛପାଖ ଲୁହାଗ୍ରୀଲ୍ ଓ କବାଟ ଭାଙ୍ଗି ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସମଗ୍ରୀ ଓ ଟଙ୍କା ଲୁଟି ନେଇଛନ୍ତି। ଖଣ୍ଡପଡା ଥାନାରେ ଏ ନେଇ ହୋଇଥିବା ଅଭିଯୋଗ କ୍ରମେ ପୋଲିସ ୨ଟି ମାମଲା ରୁଜୁ କରି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଶନିବାର ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ, ରାତିରେ ପରିବାର ଲୋକମାନେ ଶୋଇ ପଡ଼ିବା ପରେ ଦୁର୍ବୃତ୍ତମାନେ ଘରେ ପଶି କଳାକନା ବୁଲାଇଛନ୍ତି । ଏହି ଘଟଣାପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୋଲିସ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

### କିରାମାହା ଗ୍ରାମରେ ଚୈତ୍ର ରେସା ପର୍ବ

**ବ୍ରାହ୍ମଣୀଗାଁ,୪।୫,(ମନୋରଞ୍ଜନ ରଣା)** ଦାରିଙ୍ଗବାଡ଼ି ଝିଞ୍ଜିରିଗୁଡ଼ା ପଞ୍ଚାୟତର କିରାମାହା ବଡ଼ସାହିରେ ହିନ୍ଦୁ ଆଦିବାସୀମାନେ ଧରଣୀ ପେନୁ ରେସା ଯାତ୍ରା ଏକ ପାରମ୍ପରିକ ପର୍ବ ଭାବେ ପାଳନ କରିଥା'ନ୍ତି। ହିନ୍ଦୁ ଆଦିବାସୀମାନଙ୍କର ଚଳିତ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଦିନ ଚୈତ୍ର ରେସା ପର୍ବ ଆରମ୍ଭ ହୋଇ ୧୧ ଦିନ ଧରି ଚାଲିଥାଏ। ପୂର୍ବ ପୁରୁଷରୁ ରୀତି ନୀତି ଅନୁସାରେ ଏହି ଚୈତ୍ର ରେସା ପର୍ବ ପାଳନ କରାଯାଏ। ଏହି ପୂଜାଟିରେ ମୁଖ୍ୟତଃ ନୂଆ ଆମ୍ବ, ମହୁଲ, ବିହନ ପୂଜା ଓ ଗୃହପାଳିତ ପଶୁମାନଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବା ପାଇଁ ଗୁହାଳ ପୂଜା କରିଥା'ନ୍ତି ବୋଲି ମୁଖ୍ୟ ଯାନୀ ଡାକାସା ମଳିକ କହିଛନ୍ତି। ଏହି ଯାତ୍ରାରେ ଗଜପତିର ଦମଦୁଆ, ବୁଲେରି, ବାଲିଗଣ୍ଡା ଏବଂ କନ୍ଧମାଳର କିରାମାହା, ରାମ୍ଭେଲି, ଟୁଡୁବିଞ୍ଜୁ, କୁମ୍ଭାରିଗାଁ, ଗଡମା, ଝିଞ୍ଜିରିଗୁଡ଼ା ଆଦି ଗ୍ରାମର ହିନ୍ଦୁ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ରୁଣ୍ଡ ହୋଇ ଧରଣୀ ପେନୁ ଯାତ୍ରାରେ ଅଂଶ ଗ୍ରହଣ କରିଥା'ନ୍ତି। ଏହି କାର୍ଯ୍ୟକ୍ରମକୁ ଧରଣୀ ପେନୁର ଯୁବକ ସଂଘର ସଦସ୍ୟମାନେ ସହଯୋଗ କରିଥାନ୍ତି।

## ସଂଗ୍ରାମ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ନିଯୁକ୍ତ

**ଭୁବନେଶ୍ୱର,୪।୫(ଅନିଲ ଦାସ)**

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ବିଭିନ୍ନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। କୁଳମଣି ସାମଲଙ୍କୁ ବିଜୁ ଜନତା ଦଳର ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସରସ୍ୱତୀ ମିଶ୍ରଙ୍କୁ ଆସ୍କା ସଂସଦୀୟ ନିର୍ବାଚନମଣ୍ଡଳୀ ନିର୍ବାଚନ ସଂଯୋଜକ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାଶଙ୍କୁ ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀ ନିର୍ବାଚନ ସଂଯୋଜକ, ସୌମ୍ୟଜିତ ମହାପାତ୍ରଙ୍କୁ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ, ସଂଗ୍ରାମ ମନ୍ତ୍ରୀଙ୍କୁ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ନିର୍ବାଚନ ସଂଯୋଜକ ଏବଂ ଶିଖା ଉମେଶ ସ୍ୱାଇଁଙ୍କୁ ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ବିଜୁ ଜନତା ଦଳ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି।

## ବୁଲା କୁକୁର, ଗୋରୁଙ୍କ ଉପଦ୍ରବ, ସହରବାସୀ ଅତିଷ୍ଠ

**ପାରଳାଖେମୁଣ୍ଡି, ୪।୫ (ଗିରିଧାରୀ ପରିଛା):**

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିଠାରେ ସବୁ ସମୟରେ ବିଭିନ୍ନ ଛକରେ ବୁଲାକୁକୁର ଓ ଗୋରୁଙ୍କ ଉପଦ୍ରବ ଦେଖିବାକୁ ମିଳୁଛି। ସନ୍ଧ୍ୟାରେ ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ବୁଲା କୁକୁର ଓ ଗୋରୁମାନେ ବିଭିନ୍ନ ସାହିର ମୁଖ୍ୟରାସ୍ତା ଉପରେ ରୁଣ୍ଡ ହୋଇ ବିଭିନ୍ନ ପ୍ରକାରର ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ସହ ଦୁର୍ଘଟଣା ଘଟାଉଛନ୍ତି। ପାରଳାଖେମୁଣ୍ଡି ପୌରପାଳିକା ଏ ନେଇ କୌଣସି ପଦକ୍ଷେପ ନେଉନଥିବା ବୁଦ୍ଧିଜୀବୀ ଓ ସାଧାରଣରେ ଅଭିଯୋଗ ହେଉଛି। ଗୋରୁମାନଙ୍କୁ ପ୍ରତିଦିନ ଗୁହାଳରେ ରଖିବା ବଦଳରେ ବାହାରକୁ ଛାଡ଼ିଦେଉଥିବା ଅଭିଯୋଗ ହେଉଛି, ଫଳରେ ସହରର ବିଭିନ୍ନ ମୁଖ୍ୟ ରାସ୍ତାକୁ ସେମାନେ ଅବରୋଧ କରି ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି। ସେହିପରି ବୁଲା କୁକୁରଗୁଡ଼ିକ ବିଭିନ୍ନ ସମୟରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଲୋକମାନେ କୁକୁର କାମୁଡ଼ାରେ ଶିକାର ହୋଇ କ୍ଷତବିକ୍ଷତ ହେବା ସହ ଦୁର୍ଘଟଣା ଶିକାର ହେଇଛନ୍ତି। ମାସକରେ ପ୍ରାୟ ୨୦୦ ଜଣ କୁକୁର କାମୁଡାରେ ଶିକାର ହୋଇ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଚିକିତ୍ସା ହେଉଥିବା ସୂଚନା ରହିଛି । ପାରଳା ପୌରପରିଷଦ ବୁଲା କୁକୁରମାନଙ୍କ ନିୟନ୍ତ୍ରଣ ପାଇଁ ନା କୌଣସି ଯୋଜନା କରୁଛି ନା ଗୋରୁମାନଙ୍କ ବୁଲିବା ଉପରେ ରୋକ ଲଗାଇ ପାରୁଛି। ପୂର୍ବରୁ ପୌର ପରିଷଦ ଗୋରୁମାଲିକମାନଙ୍କ ଠାରୁ ଫାଇନ ଆଦାୟ କରୁଥିଲା। କିନ୍ତୁ କିଛିଦିନ ପରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଶିଥିଳ କରିଦେବାରୁ ପୁଣି ଥରେ ସହର ମଧ୍ୟରେ ଏହି ସମସ୍ୟା ଦେଖାଯାଉଛି। ତେଣୁ ଯଥାଶୀଘ୍ର ପୌରପରିଷଦ ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି। ସେହିପରି ବୁଲା କୁକୁରଗୁଡ଼ିକ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି ହୋଇଛି।

## ଭାଜପା ପ୍ରାର୍ଥୀ ପ୍ରଦୀପ, ପ୍ରଶାନ୍ତଙ୍କ ଶୋଭାଯାତ୍ରା



ଭାଜପା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ପ୍ରଶାନ୍ତ ମଲ୍ଲିକ ଶୋଭାଯାତ୍ରାରେ ଯାଉଛନ୍ତି।

**ନୂଆଗଡ,୪।୫(ଯୋଗ୍ୟବନ୍ତ ପରିଛା):**

ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀର ବ୍ରହ୍ମପୁର ଲୋକସଭା ଭାଜପା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମଲ୍ଲିକ ହଜାର ହଜାର ଭାଜପା ସମର୍ଥକଙ୍କ ସହିତ ଆର.ଉଦୟଗିରି ବ୍ଲକର ଛେଲିଗଡରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଆର.ଉଦୟଗିରି, ନୂଆଗଡ ବ୍ଲକର ଡାବରଡ଼ା, ଖଜୁରୀପଦା, ଭମରପୁର, ନୂଆଗଡ, ବଡ଼ପଦା ସମେତ ରାୟଗଡ ବ୍ଲକ ମାର୍ଲବା, ପଦାସାହି. ହାତୀବାଡ଼ି ଦେଇ ରାୟଗଡ ଗ୍ରାମ ପର୍ଯ୍ୟନ୍ତ ରୋଡ଼ ସୋ' କରିଥିଲେ। ଏହି ରାଲିରେ ନୂଆଗଡ ଭାଜପା ସଭାପତି ନକୁଳ ରଇତ, ସମ୍ପାଦକ ରିଙ୍କୁ ପଣ୍ଡା, ଭାଜପା ଜିଲା ସମ୍ପାଦକ ମନୋଜ. ପାଇକ, ଭାଜପା ବରିଷ୍ଠ କର୍ମୀ ପଞ୍ଚାନନ ବେହେରଦଳାଇ, ସୁବାଷ ପାଇକ ଏବଂ ମୋହନା ବ୍ଲକ ଆର.ଉଦୟଗିରି ବ୍ଲକ, ରାୟଗଡ ବ୍ଲକର ବରିଷ୍ଠ ଭାଜପା ନେତା ଓ କର୍ମୀମାନେ ଗାଁ ଗାଁ ବଜାର ବା ଛକ ଠାରେ ଭୋଟ ଭିକ୍ଷା କରିଥିଲେ। ଦୁଇ ପ୍ରାର୍ଥୀଙ୍କୁ ଯୋଡ଼ି ପଦ୍ମ ଫୁଲରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଭୋଟରଙ୍କୁ ସେମାନେ ଅନୁରୋଧ କରିଥିଲେ। ରାୟଗଡ ଠାରେ ଭାଜପା ମିଶ୍ରଣ ପର୍ବ ହୋଇଥିଲା। ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀ ଭାଜପା ଦଳରେ ସାମିଲ ହୋଇଥିଲେ।

### ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ପାରଳାଖେମୁଣ୍ଡି, ୪।୫ (ଗିରିଧାରୀ ପରିଛା):** ଆସନ୍ତା ୧୩ ତାରିଖ ଦିନ ହେବାକୁ ନିର୍ବାଚନ ପାଇଁ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ କରାଯାଇଛି । ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଜିଲାରେ ନିରପେକ୍ଷ ଓ ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ପୁଲିସ ପ୍ରଶାସନ ତତ୍ପର ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ଶନିବାର ବିଏସଏଫ ଓ ପୋଲିସ ପକ୍ଷରୁ ମିଳିତ ଫ୍ଲାଗମାର୍ଚ୍ଚ କରାଯାଇଛି। ପାରଳାଖେମୁଣ୍ଡି ସହରର ବିଭିନ୍ନ ଅଞ୍ଚରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି।

## ଗୋଟିଏ ଦିନରେ ଅବସର ନେଲେ ୫ ଶିକ୍ଷକ

**ଶେରଗଡ଼, ୪।୫(ସୂର୍ଯ୍ୟନାରାୟଣ ଦାଶ):**

ଶେରଗଡ ବ୍ଲକର ୫ ସରକାରୀ ବିଦ୍ୟାଳୟରୁ ୫ଜଣ ଶିକ୍ଷକ ମେ' ୧ ତାରିଖରେ ଅବସର ଗ୍ରହଣ କରିଛନ୍ତି। ସେମାନଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୫ଜଣ ଶିକ୍ଷକଙ୍କୁ ଉପଢୌକନ ପ୍ରଦାନ କରିବା ସହ ଫୁଲତୋଡ଼ା ଦିଆଯାଇ ଶୁଭେଚ୍ଛା ଜଣାଯାଇଛି। ଉକ୍ତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ବିଇଓ ଉପେନ୍ଦ୍ର କୁମାର ପାଢୀ, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଇନ୍ଦ୍ରମଣି ସ୍ୱାଇଁ, ବିଆରଟି ମାତା ପଣ୍ଡା, ବରିଷ୍ଠ କିରାଣୀ ଶଙ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଅବସର ନେଇଥିବା ଶିକ୍ଷକମାନେ ହେଲେ କୃଷ୍ଣଛାଇ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଧୋବା ପାଢୀ, ବରିକୋଟ ପ୍ରାଥମିକ ବିଦ୍ୟାଳୟର ସରୋଜ କୁମାର ମହାପାତ୍ର, ନରେନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ସୁଧିର କୁମାର ପାଣିଗ୍ରାହୀ, ପଦ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସନ୍ତୋଷ କୁମାର ପ୍ରଧାନ, ଖାସପା ପ୍ରାଥମିକ ବିଦ୍ୟାଳୟର ସୁଦର୍ଶନ ସାହୁ।




## ବିଧାୟକ ପ୍ରାର୍ଥୀଙ୍କୁ ସହଯୋଗ କରା ନ ଯିବାକୁ ନିଷ୍ପତ୍ତି

**ଦିଗପହଣ୍ଡି,୪।୫(ଅଶେଷ ନାଥ ମିଶ୍ର)** ଦିଗପହଣ୍ଡି ବ୍ଲକ ଖେମୁଣ୍ଡି କାଲୁଆ ମନ୍ଦିରଠାରେ କଂଗ୍ରେସ ଦଳର ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରାର୍ଥୀ ଚୟନ ଓ ନିର୍ବାଚନ ପରିଚାଳନା ଉପରେ ସରଗରମ ଆଲୋଚନା କରାଯାଇଥିଲା। ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଥମେ ପ୍ରାର୍ଥୀ ଘୋଷଣା କରାଯିବା ସହ ଦଳୀୟ ନିଷ୍ପତ୍ତି ପ୍ରକାରେ ଏବଂ ନାମାଙ୍କନ ଦାଖଲ କରିସାରିବା ପରେ କଂଗ୍ରେସ ପ୍ରାର୍ଥୀ ଶ୍ରୀଧର ଦେବଙ୍କୁ ଯେଉଁଭଳି ଢଙ୍ଗରେ ବାଦ୍ ଦିଆଯାଇ ପ୍ରାର୍ଥୀ ପରିବର୍ତ୍ତନ କରାଗଲା ତାହାକୁ ସମାବେଶରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ ତୀବ୍ର ନିନ୍ଦା କରିଥିଲେ। ଅଖିଳ ଭାରତ କଂଗ୍ରେସ କମିଟିର ନୀତି, ଆଦର୍ଶ ଏବଂ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ସହ ପୂର୍ବଭଳି ସମସ୍ତ ନେତା ଓ ସମର୍ଥକ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇ ଦଳର ଏମ୍‌ପି ପ୍ରାର୍ଥୀ ରଶ୍ମିରଞ୍ଜନ ପଟ୍ଟନାୟକଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସମାବେଶରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ ନିଷ୍ପତ୍ତି ନେଇଥିଲେ। ତେବେ ବିଧାନସଭା ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ସାକା ସୁଜିତଙ୍କୁ କୌଣସି ପ୍ରକାର ସମର୍ଥନ ଦିଆଯିବ ନାହିଁ ବୋଲି ଘୋଷଣା କରିବା ସହ 'ସାକା ସୁଜିତ ହଟାଅ, ଦିଗପହଣ୍ଡି ବଞ୍ଚାଅ' ଡାକରା ଦେଇଥିଲେ। ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ରମେଶ ଚନ୍ଦ୍ର ଜେନଙ୍କ ପାଇଁ ପ୍ରଚାର କାର୍ଯ୍ୟରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଥିଲେ। ଅନୁଷ୍ଠିତ ଏହି ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ତଥା ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ବଡଖେମୁଣ୍ଡି ରାଜପୁତ୍ର ଶ୍ରୀଧର ଦେବ, ଦିଗପହଣ୍ଡି ବ୍ଲକ କଂଗ୍ରେସ କମିଟି ସଭାପତି ଅଭିମନ୍ୟୁ ଜାନି, କୁକୁଡାଖଣ୍ଡି ବ୍ଲକ କଂଗ୍ରେସ କମିଟି ସଭାପତି ଶିବଶଙ୍କର ଦୋରା, ଦିଗପହଣ୍ଡି ନଗର କଂଗ୍ରେସ କମିଟି ସଭାପତି ତଥା କାଉନସିଲର ଦୀପକ କୁମାର ମିଶ୍ର, ପୂର୍ବତନ ସରପଞ୍ଚ ପୀତାମ୍ବର ଗୌଡ଼, ଶିବରାମ ପ୍ରଧାନ, କାଉନସିଲର ସୁନିଲ କୁମାର ପଣ୍ଡା, ଆଇନଜୀବୀ ରସାନନ୍ଦ ରାଉତ, ରଞ୍ଜିତ ବେହେରା, ଭି. ଶ୍ୟାମସୁନ୍ଦର ରାଜୁ, ଶିବ ପ୍ରସାଦ ସାହୁ, ଶଙ୍କର ରାଓ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ସମାବେଶରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

**ଦିଗପହଣ୍ଡି କଂଗ୍ରେସରେ ବିଦ୍ରୋହ**

# ଦୁର୍ଦ୍ଦିନରେ ଠିକା ଶ୍ରମିକ, କର୍ମଚାରୀ

- ବର୍ଷେ ହେଲା ପାଇନାହାନ୍ତି ୪ ମାସର ଦରମା
- ଜିଏମ୍ ଏଣ୍ଟରପ୍ରାଇଜେସ୍ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ

ଯାଜପୁର,୪।୫(ହର୍ଷବର୍ଦ୍ଧନ ବେହେରା)


ଜିଏମ୍ ଏଣ୍ଟରପ୍ରାଇଜେସ୍ କାମ କରିଥିବା ଶ୍ରମିକମାନେ ।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ (ଜେଏସ୍‌ଏଲ୍)ରେ ନିୟୋଜିତ ଏକ ଅଣଓଡ଼ିଆ ଠିକାସଂସ୍ଥା ଜିଏମ୍ ଏଣ୍ଟରପ୍ରାଇଜର୍ସ ୪୬ ଜଣ ଗରିବ ଶ୍ରମିକଙ୍କୁ ଦରମା ନ ଦେଇ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ହେଲେ ଶ୍ରମ ବିଭାଗ ଅଧିକାରୀ ସମ୍ପୃକ୍ତ ଠିକାସଂସ୍ଥା ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ କେବଳ ନୋଟିସ ଦେଇ ନୀରବିଯାଇଛନ୍ତି। ଫଳରେ ଶ୍ରମିକମାନେ ଆର୍ଥିକ ଦୁର୍ଦ୍ଦିନ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ଏହିମର୍ମରେ ପ୍ରଭାବିତ ଠିକା ଶ୍ରମିକମାନେ ଶନିବାର ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣଙ୍କୁ ଭେଟି ତୁରନ୍ତ ବକେୟା ଦରମା ପ୍ରଦାନ କରିବା ସହ ଶ୍ରମ ଅଧିକାରୀ, ଠିକାସଂସ୍ଥା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

ଶିଳ୍ପ କାରଖାନା ପରିଚାଳନା, ପରିବହନ, ରକ୍ଷଣାବେକ୍ଷଣ, ମରାମତି ଆଦି କ୍ଷେତ୍ରରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଠିକାସଂସ୍ଥାଗୁଡ଼ିକ ନିୟୋଜିତ ଅଛନ୍ତି। ତେବେ କେତେକ ଠିକାସଂସ୍ଥାରେ ନିୟୋଜିତ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନଙ୍କୁ ଅଧା ଦରମା ସହ ମାସ ମାସ ଧରି ସେମାନଙ୍କ ପ୍ରାପ୍ୟ ନଦେଇ ଶୋଷଣ କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ଜିଏମ୍ ଏଣ୍ଟରପ୍ରାଇଜେସ୍ ଠିକାସଂସ୍ଥା ଅଧୀନରେ କାମ କରିଥିବା ଶ୍ରମିକ ଅଜୟ କୁମାର ରଣା, ଚନ୍ଦ୍ରମଣି ସେଠୀ, ପ୍ରଶାନ୍ତ ଜେନା, ରାମଚନ୍ଦ୍ର ବେହେରା, ତ୍ରିଲୋଚନ ମଲ୍ଲିକ, ସୋମନାଥ ପ୍ରଧାନ, ସେକ ସାଜିଦ, ଶ୍ରୀଧର ରଣା ପ୍ରମୁଖଙ୍କ ଅଭିଯୋଗ ଅନୁସାରେ ୨୦୧୭ରୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ଦୈନିକ ୬୦୦ ଟଙ୍କା ହିସାବରେ ଦରମା ମିଳୁଥିଲା। କିନ୍ତୁ ୨୦୨୨ ଡିସେମ୍ବରରୁ ୨୦୨୩ ଏପ୍ରିଲ ପର୍ଯ୍ୟନ୍ତ ଉକ୍ତ ଠିକାସଂସ୍ଥା କାର୍ଯ୍ୟରେ ନିୟୋଜିତ କରିଥିଲେ ହେଁ ୪୬ ଜଣ ଶ୍ରମିକଙ୍କ ଦରମା ପ୍ରଦାନ କରି ନଥିଲା। ଦରମା ମାଗିବାରୁ ଉକ୍ତ ଠିକାସଂସ୍ଥା କର୍ତ୍ତୃପକ୍ଷ ବିଭିନ୍ନ ଧମକ ଦେଇ ମାନସିକ ନିର୍ଯାତନା ଦେଇଥିଲା। ଏ ସଂକ୍ରାନ୍ତରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବହୁବାର ଅଭିଯୋଗ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ସେମାନେ ୧୧।୫।୨୦୨୩ରେ ଯୁଗ୍ମ ଶ୍ରମ କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓ ମାମଲା ପରିଚାଳନା କରିବା ସହ ଠିକାସଂସ୍ଥା ଓ ଜେଏସଏଲ୍ କର୍ତ୍ତୃପକ୍ଷଙ୍କୁ ଶ୍ରମ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ୩ ଥର ନୋଟିସ ଜାରି କରିଛନ୍ତି। କିନ୍ତୁ କମ୍ପାନୀ କିମ୍ବା ଠିକାସଂସ୍ଥା କର୍ତ୍ତୃପକ୍ଷ ଭ୍ରୂକ୍ଷେପ ନ କରି ଶ୍ରମ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନ ଥିଲେ। ଏପରିକି ଶ୍ରମ ଆଇନ ଅନୁଯାୟୀ ଶ୍ରମ ବିଭାଗ ଅଧିକାରୀ ନିଜ ଆଡ଼ୁ କୌଣସି ମାମଲା ମଧ୍ୟ ରୁଜୁ କରି ନ ଥିଲେ। ପ୍ରାୟ ବର୍ଷେ ହେବ କୌଣସି ପଦକ୍ଷେପ ନ ନେଇ ଆଜି ଆସ କାଲି ଆସ ବୋଲି କହି ଶ୍ରମ ବିଭାଗ ପକ୍ଷରୁ ଭୁଆଁ ବୁଲାଯାଉଛି ବୋଲି ଶ୍ରମିକମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ଏହାର ସମାଧାନ କରିବାକୁ ନୋଟିସ ଜାରି କରାଯାଇଛି। ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ଧାନମଣ୍ଡଳରେ ସୁଗୃହିଣୀ ପ୍ରତିଯୋଗିତା


ସ୍ୱଗୃହିଣୀ ପ୍ରତିଯୋଗିତାରେ ଭାଗନେଇଥିବା ମହିଳାମାନେ ।

ଚଣ୍ଡିଖୋଲ,୪।୫(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳଠାରେ ଉଦ୍ଧିୟମାନ ମହିଳା ସଂଗଠନ ପକ୍ଷରୁ ଶନିବାର ସୁଗୃହିଣୀର ସେମି ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଜଣ ଗୃହିଣୀଙ୍କୁ ମନୋନୀତ କରାଯାଇଛି। ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, କେନ୍ଦ୍ରାପଡ଼ା ଓ ଭଦ୍ରକ ଆଦି ଜିଲାରୁ ଶତାଧିକ ମହିଳା ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଚାରକଭାବେ ଶିକ୍ଷାବିତ୍ ପ୍ରଶନ୍ନ କୁମାର ଜେନା, ଅଧ୍ୟାପକ ପଦ୍ମନାଭ ପଣ୍ଡା, ଡ. ଦିଲୀପ କୁମାର ନାୟକ, ସଂଗଠନର ସମ୍ପାଦିକା ଅରୁଣୀ ନନ୍ଦ ଓ ସଭାନେତ୍ରୀ ଦେବଜାନୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗାୟତ୍ରୀ ରାଉତ, ହରପ୍ରିୟା ମହାନ୍ତି, ସୁଜାତା ସାମଲ, ବିନୋଦିନୀ ଦାସ, ସରୋଜିନୀ ପଣ୍ଡା, କାଦମ୍ବିନୀ ମିଶ୍ର, ପାର୍ବତୀ ସାହୁ, ଶର୍ମିଷ୍ଠା ଜେନା, ସୁମିତ୍ରା ରାଉତ, ତୁଳସୀ ଭଞ୍ଜ ଓ ମାନସୀ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଇତିଶ୍ରୀ ପରିଡ଼ା, ସନ୍ଧ୍ୟାରାଣୀ ବ୍ରହ୍ମ ଓ ଗୀତାଞ୍ଜଳି ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ଜମିହରା କ୍ଷତିଗ୍ରସ୍ତ ବିଚାର ମଞ୍ଚ ସହ ପ୍ରଶାସନର ଆଲୋଚନା

ଯାଜପୁରଟାଉନ,୪।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ବିସ୍ଥାପିତ, ଜମିହରା କ୍ଷତିଗ୍ରସ୍ତ ବିଚାର ମଞ୍ଚ କର୍ମକର୍ତ୍ତାଙ୍କ ସହ ଜିଲା ପ୍ରଶାସନର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ନୀଳାଚଳ ଇସ୍ପାତ ନିଗମ, ଜିନ୍ଦଲ ଓ ଟାଟା ଷ୍ଟିଲ ଏବଂ ବିସ୍ଥାପିତ ମଞ୍ଚର ଆବାହକମଣ୍ଡଳୀ କର୍ମକର୍ତ୍ତା ରବୀନ୍ଦ୍ର ନାଥ ଜାରିକା, ସୁରେଶ କୁମାର ହାଇବ୍ରୁ, ଶନି ସଏ ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ କଲ୍ୟାଣ ଓ ଆରକ୍ଷୀ ଅଧୀକ୍ଷକ ଅଗ୍ରୱାଲ ସେମାନଙ୍କ ବିଭିନ୍ନ ଦାବି ସମ୍ବନ୍ଧରେ ଆଲୋଚନା କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ଦାବିଗୁଡ଼ିକୁ ବିସ୍ଥାପିତ ମଞ୍ଚ କର୍ମକର୍ତ୍ତାଙ୍କ ସହ ଆସନ୍ତା ୧୩ ତାରିଖରେ ବୈଠକ ଡକାଇ ନିର୍ଯ୍ୟାସ ରିପୋର୍ଟ ଜିଲା ପ୍ରଶାସନକୁ ପ୍ରଦାନ କରିବାକୁ ଜିଲାପାଳ ସମ୍ପୃକ୍ତ କମ୍ପାନୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିସ୍ଥାପିତ ମଞ୍ଚର ସଭ୍ୟାସଭ୍ୟ ଏବଂ ଗୋବରଘାଟି ବାସିନ୍ଦା ଉପସ୍ଥିତ ଥିଲେ।

## କଂଗ୍ରେସର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

ଧର୍ମଶାଳା,୪।୫(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ଗଙ୍ଗାଧରପୁର ପଞ୍ଚାୟତର କଣିପାଟିଆଠାରେ କଂଗ୍ରେସର ୧୩ ନମ୍ବର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ରାୟଙ୍କ ସଭାପତିତ୍ୱରେ କଂଗ୍ରେସ ବିଧାୟକ ପ୍ରାର୍ଥୀ କିଷାନ ପଣ୍ଡା ଯୋଗଦେଇ କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଥିବା ୫ ଗ୍ୟାରେଣ୍ଟି ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଇବାକୁ ଅନୁରୋଧ କରିଥିଲେ। ସମ୍ମିଳନୀରେ କର୍ମୀ ଅନିରୁଦ୍ଧ ରାଉତ, ସୁରେଶ ଚନ୍ଦ୍ର ରାଉତ, କେଦାର ରାୟ, ସୁନାକର ସାମଲ, ନବକିଶୋର ମହାନ୍ତି, କାହ୍ନୁଚରଣ ନାୟକ, ନିତ୍ୟାନନ୍ଦ ଦାସ, ମହେଶ୍ୱର ରାଉତ, ପୀତବାସ ପାଳ, କପିଳେନ୍ଦ୍ର ସ୍ୱାଇଁ, ବାବୁ ଖାଁ, ଗଙ୍ଗାଧର ଦାସ, ପଞ୍ଚାନନ ଦାସ, ମୁକୁନ୍ଦ ରାଉତ ଓ ବାବାଜୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବାରକଣାରେ ଜନ ଆଶୀର୍ବାଦ ସମାବେଶ

ଜେନାପୁର,୪।୫(ଅଶୋକ ଦାସ):



ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାରକଣା ଖେଳ ପଡ଼ିଆଠାରେ ଏକ ବିଶାଳ ଜନ ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ ଓ ୧୨ ନମ୍ବର ଜୋନର ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। ଭାଜପା ଯୁବନେତା ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡି ସରକାରଙ୍କ ବିରୋଧରେ କହିବା ସହ ଆଗାମୀ ନିର୍ବାଚନରେ ଲୋକଙ୍କ ସ୍ୱାର୍ଥ ପାଇଁ ଟିକେଟ ନ ମିଳିଲେ ସ୍ୱାଧୀନ ଭାବେ ଲଢ଼ିବେ ବୋଲି କହିଥିଲେ।

## ବିରଜା ଦର୍ଶନକରି ପ୍ରଚାରକୁ ଓହ୍ଲାଇଲେ ଉମେଶ


ବିରଜା ଦର୍ଶନ ସାରି ସମର୍ଥକଙ୍କ ସହ ଫେରୁଛନ୍ତି ବରୀ ଭାଜପା ବିଧାୟକ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ।

ଯାଜପୁରଟାଉନ/ବରୀ,୪।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି/ମହେନ୍ଦ୍ର ସ୍ୱାଇଁ): ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ଶନିବାର ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ସେ ନିଜ ସମର୍ଥକଙ୍କ ସହ ଆସି ଯାଜପୁର ଅଧିଷ୍ଠାତ୍ରୀ ମା’ ବିରଜାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ନିର୍ବାଚନ ବୈତରଣୀରେ ବିଜୟ ଲାଭ କରିବା ପାଇଁ ଆଶିଷ ଭିକ୍ଷା କରିଛନ୍ତି। ନିର୍ବାଚନମଣ୍ଡଳୀକୁ ସରସ ସୁନ୍ଦର କରି ଗଢ଼ି ତୋଳିବା, ଜଳ ସେଚନ ସୁବିଧା, ଶୀତଳ ଭଣ୍ଡାର ପ୍ରତିଷ୍ଠା, ବନ୍ୟା ପ୍ଳାବିତ ବରୀକୁ ବନ୍ୟା ପ୍ରକୋପରୁ ରକ୍ଷା କରିବା, ବରୀରୁ ଭ୍ରଷ୍ଟାଚାର ଓ ଦୁର୍ନୀତି ଶାସନର ମୂଳପାଟନ କରି ଲୋକଙ୍କୁ ସୁଶାସନ ଏବଂ ନ୍ୟାୟ ପ୍ରଦାନ କରିବା ଆଦି ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟିର ବାର୍ତ୍ତା ନେଇ ସେ ଭୋଟରଙ୍କ ପାଖକୁ ଯିବେ ବୋଲି କହିଛନ୍ତି। ଜନତାଙ୍କ ସମର୍ଥନରେ ବରୀରେ ଭାଜପାର ବିଜୟ ହେବ ବୋଲି ଉମେଶ କହିବା ସହ ବରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପା ତାଙ୍କୁ ସୁଯୋଗ ଦେଇଥିବାରୁ ସେ ରାଷ୍ଟ୍ରୀୟ ଓ ଓଡ଼ିଶା ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ୭ରୁ ନାମାଙ୍କନପତ୍ର ଦାଖଲ

**ନାମାଙ୍କନ ପତ୍ର ଦାଖଲ ପାଇଁ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଜିଲା ନିର୍ବାଚନ ଅଧିକାରୀଙ୍କ ବୈଠକ**

ଯାଜପୁରଟାଉନ,୪।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):


ବୈଠକରେ ଯୋଗଦେଇଥିବା ଜିଲା ନିର୍ବାଚନ ଅଧିକାରୀ ଓ ଜିଲା ଆରକ୍ଷୀ ଅଧୀକ୍ଷକ ।

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ନାମାଙ୍କନ ପତ୍ର ଦାଖଲ ନିମନ୍ତେ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଜିଲା ପ୍ରଶାସନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଉପଜିଲାପାଳ ମନୋରମା ଜାଲି, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଉପଜିଲାପାଳ ଅଂଶୁମାନ ଶତପଥୀ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଯାଜପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ ନାମାଙ୍କନ ପତ୍ର ଦାଖଲର ସମସ୍ତ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଜିଲାପାଳ ସମସ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ରାଜନୈତିକ ଦଳ, ପ୍ରାର୍ଥୀମାନେ ସଭା, ସମିତି, ରାଲି, ପ୍ରଚାର କରିବା ନିମନ୍ତେ ଯାନ ବ୍ୟବହାର ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅନୁମତି ପତ୍ର ନେବାକୁ ଗୁରୁତ୍ୱାରୋପ କରିଥିଲେ। କୌଣସି ପଡ଼ିଆରେ ସଭା, ସମିତି କଲେ ରାଜନୈତିକ ଦଳ ପ୍ରାର୍ଥୀମାନେ ଅନୁମତି ନେବାକୁ ହେବ। ଏକାଧିକ ଆବେଦନକୁ କ୍ରମାନୁସାରେ ଅନୁମତି ପ୍ରଦାନ କରାଯିବ। ପ୍ରତ୍ୟେକ ଥର ସଭା, ସମିତି ପାଇଁ ପ୍ରାର୍ଥୀ ଅନୁମତି ପତ୍ରନେବାକୁ ପଡ଼ିବ। ପ୍ରାର୍ଥିପତ୍ର ଦାଖଲ ନିମନ୍ତେ ପ୍ରାର୍ଥୀ ଠିକ ତଥ୍ୟ ସହ ଅନ୍‌ଲାଇନ୍‌ରେ ମଧ୍ୟ ନିର୍ବାଚନ କମିଶନଙ୍କ ସୁବିଧା ପୋର୍ଟାଲରେ ସ୍ଲଟ୍ ଟାଇମ୍ ନେବେ। ଆସନ୍ତା ୭ରୁ୧୪ ତାରିଖ ପର୍ଯ୍ୟନ୍ତ (ସରକାରୀ ଛୁଟି ଦିବସ ବ୍ୟତୀତ) ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିପାରିବେ। ପ୍ରତ୍ୟେକ ପ୍ରାର୍ଥୀଙ୍କ ସହ ସେମାନଙ୍କ ୪ ସମର୍ଥକ ରିର୍ଟର୍ନି ଅଧିକାରୀଙ୍କ କକ୍ଷରେ ନାମାଙ୍କନପତ୍ର ଦାଖଲ ସମୟରେ ରହିପାରିବେ।

ସାଧାରଣ ବର୍ଗର ଲୋକସଭା ପ୍ରାର୍ଥୀଙ୍କ ନିମନ୍ତେ ଏବଂ ବିଧାନସଭା ପ୍ରାର୍ଥୀଙ୍କ ନିମନ୍ତେ ଯଥାକ୍ରମେ ୨୫ ହଜାର ଓ ୧୦ ହଜାର ଟଙ୍କା ସିକ୍ୟୁରିଟି ଦାଖଲ କରିବାକୁ ପଡିବ। ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଯଥାକ୍ରମେ ୧୨,୫୦୦ ଏବଂ ୫୦୦୦ ଟଙ୍କା ସିକ୍ୟୁରିଟି ବାବଦ ଦାଖଲ କରିବାକୁ ପଡିବ। ପ୍ରାର୍ଥୀ ଯଦି ଯାଜପୁର ଜିଲାର ଭୋଟର ନ ହୋଇଥାନ୍ତି ତେବେ ସେମାନେ ଭୋଟର ତାଲିକାର ସାର୍ଟିଫାଏଡ କପି ସହ ଇ-ଆଫିଡେଭିଟ୍, ଫୌଜଦାରୀ ମାମଲାର ସବିଶେଷ ବିବରଣୀ ପ୍ରଦାନ କରିବେ। ଆଇନ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଲୋକସଭା ପାଇଁ ନାମାଙ୍କନ ପତ୍ର ଦାଖଲ କରୁଥିବା ପ୍ରାର୍ଥୀ ତାଙ୍କ ସମର୍ଥକଙ୍କ ସହ ବାଳାଶ୍ରମ ପଡିଆ ପଟୁ କିମ୍ବା ପଣସା ପଟୁ ଜିଲା କାର୍ଯ୍ୟାଳୟକୁ ପ୍ରବେଶ କରିବେ। ବିଧାନସଭା ଆସନ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରୁଥିବା ପ୍ରାର୍ଥୀ ତାଙ୍କ ସମର୍ଥକଙ୍କ ସହ ଗାନ୍ଧୀଛକ ପଟୁ ଓ ଟାଉନ ଥାନା ପଟୁ ଜିଲା କାର୍ଯ୍ୟାଳୟକୁ ପ୍ରବେଶ କରିବେ। ଜିଲା କାର୍ଯ୍ୟାଳୟରୁ ୧୦୦ ମିଟର ଦୂରତା ଭିତରେ ପ୍ରାର୍ଥୀଙ୍କ ୩ ଯାନକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଭାଜପାର ପ୍ରତିନିଧି ସୁଦୀପ୍ତ କୁମାର ପଣ୍ଡା, ଅବିନାଶ ବେହେରା, ଅର୍ଚ୍ଚନା ବେହେରା, ଡ. ରବୀନ୍ଦ୍ର ନାରାୟଣ ବେହେରା, କଂଗ୍ରେସର ଦୁର୍ଯ୍ୟୋଧନ ବେହେରା, ବହୁଜନ ସମାଜ ପାର୍ଟିର ଅକ୍ଷୟ ଜେନା, ମାଧବାନନ୍ଦ ଜେନାଙ୍କ ସହ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦୀପକ


@ ନରେଶ


@ ରାମକୃଷ୍ଣ


@ ସଞ୍ଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରମିକମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ଏକାଠି ହୁଅ

କୁଜଙ୍ଗ,୪।୫(ମନୋଜ ପ୍ରଧାନ)


ସମାବେଶରେ ଯୋଗଦେଇଥିବା ବିଜୁ ଶ୍ରମିକ ସାମ୍ମୁଖ୍ୟର ନେତା ଓ ଅନ୍ୟମାନେ।

### ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲାସ୍ତରୀୟ ସମାବେଶ
■ ଗୋଟିଏ ମଞ୍ଚରେ ୩ ବିରୋଧୀ ଶ୍ରମିକ ନେତା

କୁଜଙ୍ଗ ବ୍ଲକ ପାରାଦୀପଗଡ ପଞ୍ଚାୟତ ଅନ୍ତର୍ଗତ ପାରାଦୀପଗଡସ୍ଥିତ ଏକ ହୋଟେଲ ପରିସରରେ ଶନିବାର ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟ ର ଉପସଭାପତି ବରିଷ୍ଠ ଶ୍ରମିକ ନେତା ଅମୃତ ଦାସ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଶ୍ରମିକ ନେତା ଅରିନ୍ଦମ ସର୍ଖେଲ ଓ ପୂର୍ବ ଓଡ଼ିଶା ଶିଳ୍ପାଞ୍ଚଳ ବିକାଶ ପରିଷଦ ସଭାପତି ଗୋଲେକ ନାୟକ ପ୍ରମୁଖ ଏକାଠି ହେବା ସହ ମଞ୍ଚରେ ବସିଥିଲେ। ଏହି ୩ ନେତା ପରସ୍ପର ବିରୋଧୀ ହୋଇଥିଲେ ମଧ୍ୟ ଶ୍ରମିକ ସମାବେଶରେ ଏକାଠି ହୋଇ ବିଜେଡି ପାଇଁ ପ୍ରଚାର କରିବା ଚର୍ଚ୍ଚାର ବିଷୟ ପାଲଟିଛି।

ସମାବେଶରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ମହାସଚିବ ତଥା କଟକ ମେୟର ସୁବାସ ସିଂ ଯୋଗଦେଇ ଶ୍ରମିକମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଚିନ୍ତା କରୁଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ସଙ୍ଗଠିତ, ଅଣସଙ୍ଗଠିତ, କୁଶଳୀ, ଅର୍ଦ୍ଧ କୁଶଳୀ, ଅଣକୁଶଳୀ ଶ୍ରମିକଙ୍କ ମଜୁରି ବଢ଼ାଇଛନ୍ତି। ଅପରପକ୍ଷେ ଶିଳ୍ପରେ ଭରପୂର ପାରାଦୀପରେ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ଏକ ଇଏସଆଇ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ । ଏନେଇ ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ଶୁଣୁନାହିଁ। ଏଠାକାର ଶିଳ୍ପସଂସ୍ଥାମାନଙ୍କର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ଅଞ୍ଚଳର ବିକାଶରେ ବିନିଯୋଗ କରା ନ ଯାଇ ବାହାର ରାଜ୍ୟରେ ବିନିଯୋଗ ହେଉଛି। ଶିଳ୍ପ ସଂସ୍ଥାର ପ୍ରଦୂଷଣ ଯୋଗୁ କୁଜଙ୍ଗ ଓ ପାରାଦୀପର ଜନସାଧାରଣ ବିଭିନ୍ନ ରୋଗରେ ପଡ଼ି ମୃତ୍ୟୁମୁଖରେ ପଡୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ପାଇଁ କର୍ଣ୍ଣପାତ କରୁନାହାନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରେ ରାଜ୍ୟ ସରକାର ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଏ ନେଇ ରାଜ୍ୟ ସରକାର ମାସିକ ୨୬୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ସେ କହିଥିଲେ। ତେଣୁ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କଲେ ଆମ ରାଜ୍ୟ ଆଗେଇବା ସହ ଶ୍ରମିକମାନଙ୍କର ବହୁବିଧ କଲ୍ୟାଣ ହେବ ବୋଲି ସୁବାସ କହିଥିଲେ। ଏନେଇ ସଭିଏଁ ଏକତ୍ରିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ବିଜେଡିର ଜଗତ୍‌ସିଂହପୁର ଲୋକ ସଭା ଆସନ ପ୍ରାର୍ଥୀ ଡାକ୍ତର ରାଜଶ୍ରୀ ମଲ୍ଲିକ ଯୋଗଦେଇ କଟକ ପାରାଦୀପ ରାସ୍ତାକୁ ଆଠ ଥାକିଆ କରିବା ପାଇଁ ସଂସଦ ରେ ଦାବି ରଖିଥିଲେ । ଫଳ ସ୍ୱରୂପ ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟରେ ଚାରି ଥାକିଆ କରିବା ପାଇଁ ସର୍ଭେ ଆରମ୍ଭ ହୋଇଗଲାଣି । ଆଗକୁ ତାଙ୍କୁ ନିର୍ବାଚିତ କଲେ ତାଙ୍କ ସ୍ୱର ଆହୁରି ଦୃଢ଼ ହେବ ବୋଲି କହିଥିଲେ। ପାରାଦୀପ ବିଧାନସଭା ଆସନ ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ ଯୋଗଦେଇ ସେ ରାଜନୀତି ପରିବାରରୁ ଆସିଛନ୍ତି। ତାଙ୍କ ଶ୍ୱଶୁର ଡାକ୍ତର ଦାମୋଦର ରାଉତ ଚାଳିଶ ବର୍ଷ ପାରାଦୀପରୁ ପ୍ରତିନିଧିତ୍ୱ କରିଥିବା ବେଳେ ସ୍ୱାମୀ ସମ୍ବିତ ରାଉତରାୟ ପାଞ୍ଚ ବର୍ଷ ପ୍ରତିନିଧିତ୍ୱ କରିଛନ୍ତି । ସେ ଆଗାମୀ ନିର୍ବାଚନରେ ବିଜୟୀ ହେଲେ ସମସ୍ତଙ୍କ ସୁଖ ଦୁଃଖରେ ସାମିଲ ହେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାବେଶରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ କାର୍ଯକାରୀ ସଭାନେତ୍ରୀ ମୋନିଦୀପା ସର୍ଖେଲ, ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ଉପଦେଷ୍ଟା ଯୁଗଳ ନାୟକ, ଜିଲାପରିଷଦ ସଭ୍ୟା କନକ ପ୍ରଭା ବେହେରା, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଢ଼ଳ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜେଡିକୁ ଜିତାଇବାକୁ ନିବେଦନ କରିଥିଲେ। ଶେଷରେ ଯୁବନେତା ମାନସ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦୀପକ


@ ନରେଶ


@ ରାମକୃଷ୍ଣ


@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦାଦାବଟିକୁ ନେଇ ସଂଘବଦ୍ଧ ଆକ୍ରମଣ

### ଠିକାଦାର ଓ ୨ କର୍ମଚାରୀ ଗୁରୁତର

ରଘୁନାଥପୁର,୪।୫(ରାଜେନ୍ଦ୍ର ନାରାୟଣ ସିଂହ)

କିଶନନଗର ଥାନା ତଥା ମାହାଲହାଟ ବିଟହାଉସ ଅଧୀନସ୍ଥ ବଡ଼ଉତ୍ତରକୁଳ ହାଇସ୍କୁଲ ପାଖରେ ଦାଦାବଟିକୁ ନେଇ ଠିକାଦାର ଓ ତାଙ୍କ ୨ କର୍ମଚାରୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଖବରପାଇ ୧୦୮ ଆମ୍ବୁଲାନ୍ସ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ୩ ଗୁରୁତରଙ୍କୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଠିକାଦାର କୁଜଙ୍ଗ ଥାନା ପାଇକସ୍ତା ଗ୍ରାମର ସମୀର କୁମାର ଦାସ, ସୁପରଭାଇଜର କୁଜଙ୍ଗ ଥାନା ବାଣେଶ୍ୱରବାଗର ସୂର୍ଯ୍ୟକାନ୍ତ ଦାସ ଓ ନେମାଳ ଥାନା ବାଲିପାଳଦା ଗ୍ରାମର ତ୍ରିଲୋଚନ ଦାସ। ସୂଚନାଯୋଗ୍ୟ, ମହାନଦୀ ବାମ ଜଳସମ୍ପଦ ବିଭାଗ କିଶନନଗର ଏସ୍‌ଡିଓଙ୍କ ଅଧୀନରେ ବଡ଼ଉତ୍ତରକୁଳଠାରେ କେନାଲ ଉପରେ ଏକ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ଅଟକଳ ମୂଲ୍ୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରହିଛି। ନିତ୍ୟାନନ୍ଦ ବିଶ୍ୱାଳ ଟେଣ୍ଡର ଜରିଆରେ ଏହି କାର୍ଯ୍ୟ ପାଇ ଠିକାଦାର ସମୀରଙ୍କୁ ବ୍ରିଜର ନିର୍ମାଣ ଦାୟିତ୍ୱ ଦେଇଛନ୍ତି। ଶନିବାର ଏହାର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ହଠାତ୍ ୧୫ ଜଣ ଦୁର୍ବୃତ୍ତ ବାଇକରେ ଆସି ସମୀରଙ୍କୁ ଅନ୍ୟତ୍ର ଟେକିନେଇ ନିର୍ଘୃମ ପିଟି ତଳେ ପକେଇ ଦେଇଥିଲେ। ସେହିପରି ୨ ସୁପରଭାଇଜର ସୂର୍ଯ୍ୟକାନ୍ତ ଓ ତ୍ରିଲୋଚନଙ୍କୁ ମଧ୍ୟ ବାଡେଇ ରକ୍ତାକ୍ତ କରି ଫେରାର ହୋଇଯାଇଥିଲେ। ୧୦ ଲକ୍ଷ ଟଙ୍କା ଦାଦାବଟି ନ ମିଳିବାରୁ ଏପରି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଆସିଥିବା ଗ୍ୟାଙ୍ଗ ନିକଟସ୍ଥ ଏକ ପଞ୍ଚାୟତର ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବା ସମୀର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମାହାଲହାଟ ବିଟ ହାଉସ ଅଧିକାରୀ ଅଜୟ ମହାନ୍ତି କହିଛନ୍ତି, ଏପର୍ଯ୍ୟନ୍ତ ତାଙ୍କ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଏଭଳି ଘଟଣା ଦ୍ୱୀପାଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବାବେଳେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

# ସାଳଜଙ୍ଗ, ତର୍ଣ୍ଣଙ୍ଗରେ ଭାଜପାର ଶକ୍ତି ପ୍ରଦର୍ଶନ


ଭାଜପାର ମିଶ୍ରଣ ପର୍ବରେ ଅମରେନ୍ଦ୍ର ଦାସ ଓ ଦଳୀୟ ନେତୃମଣ୍ଡଳୀ।

ଜଗତ୍‌ସିଂହପୁର, ୪।୫ (ପ୍ରମୋଦ କୁମାର ନାୟକ)

### ଅନ୍ୟ ଦଳର ନେତା, କର୍ମୀ ଯୋଗଦେଲେ

୨୦୨୪ ନିର୍ବାଚନ ପୂର୍ବରୁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ସାଙ୍ଗଠନିକ କାର୍ଯ୍ୟକ୍ରମ କ୍ରିୟାଶୀଳ ହୋଇଛି। ନିର୍ବାଚନମଣ୍ଡଳୀ ଦଳୀୟ ପ୍ରାର୍ଥୀ ଅମରେନ୍ଦ୍ର ଦାସଙ୍କ ଉପରେ ଆସ୍ଥା ପ୍ରକଟ କରି ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଶାଳଜଙ୍ଗ ଓ ତର୍ଣ୍ଣଙ୍ଗ ପଞ୍ଚାୟତର ବହୁ ବିଜେଡି, କଂଗ୍ରେସ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ଶନିବାର ଉଭୟ ପଞ୍ଚାୟତରେ ଭାଜପା ପକ୍ଷରୁ ପୃଥକ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅମରେନ୍ଦ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପରସ୍ପର ଭିତରେ ସମ୍ପର୍କ ବୃଦ୍ଧି ସହ ସାଙ୍ଗଠନିକ କାର୍ଯ୍ୟକୁ ଆହୁରି କ୍ରିୟାଶୀଳ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାଳଜଙ୍ଗ ସରପଞ୍ଚ ବିରଞ୍ଚି ନାରାୟଣ ମହାନ୍ତି, ପଲ୍ଲୀ ପଞ୍ଚାୟତ ପ୍ରଭାରୀ ଦେବେନ୍ଦ୍ର ଆଚାର୍ଯ୍ୟ, ଆଳିପିଙ୍ଗଳ ମଣ୍ଡଳ ଜୋନ ନଂ.୨. ସଂଯୋଜକ ବିନୋଦ ମହାନ୍ତି, ବରୋଦା ପ୍ରସାଦ ରାୟ, ମହିଳା ମୋର୍ଚ୍ଚା ଜିଲା ଉପସଭାପତି କଳ୍ପନା ମହାନ୍ତି, ସର୍ଜନ ସିଂ, ଉତ୍ତମ କୁମାର ପୃଷ୍ଟି ଓ ଶାଳଜଙ୍ଗ ପ୍ରଭାରୀ ଲିଟୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ରାଜକିଶୋର ନାୟକ, ସୁଶାନ୍ତ କୁମାର ଦାସ, ଅକ୍ଷୟ ପରିଡ଼ା, ଦିବାକର ମହାନ୍ତି, ବିପିନ ସ୍ୱାଇଁ, ପ୍ରଭାତୀ ଲେଙ୍କା, ବଟକୃଷ୍ଣ ବେହେରା, ଯୋଗେନ୍ଦ୍ର ମହାରଣା, ବାଉରୀବନ୍ଧୁ ମହାରଣା, ସୁରେନ୍ଦ୍ର କୁମାର ପୃଷ୍ଟି, ଭିକାରୀ ମହାରଣା, ରଞ୍ଜିତା ପୃଷ୍ଟି, ସର୍ବେଶ୍ୱର ନାଥ, ରାଜକିଶୋର ସାହୁ, ସନ୍ତୋଷ ସ୍ୱାଇଁ, ରଞ୍ଜନ ଦାସ, ରାକେଶ ଖୁଣ୍ଟିଆ, ଦୀନବନ୍ଧୁ ଦାଶଙ୍କ ସମେତ ଶତାଧିକ ଲୋକ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ସେହିପରି ତର୍ଣ୍ଣଙ୍ଗ ପଞ୍ଚାୟତରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ଶିବ ଦାସ, ଅଜୟ ବେହେରା, ଉମାକାନ୍ତ ମହାପାତ୍ର, ଦିଲୀପ ମହାପାତ୍ର, ସଂଗ୍ରାମ ଭୋଇ, ଜୟରାମ ଭୋଇ, କ୍ଷେତ୍ରମୋହନ ମଲ୍ଲିକ, ତପନ ପତି, ଦିଲୀପ ପାଇକରାୟ, ବିଜୁ ଜେନା, ରମେଶ ଦାସ, କାର୍ତ୍ତିକ ରଣା ଓ ହେମନ୍ତ ରଣା ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ଅମରେନ୍ଦ୍ର ସ୍ୱାଗତ କରିଥିଲେ।

# କୁଳମଣି ସାମଲ ବିଜେଡି ଉପସଭାପତି

### ବିଧାୟକ ବିଜୟଶଙ୍କର ବାଙ୍ଗିରିପୋଷି ନିର୍ବାଚନ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୪।୫(ଅନିଲ ଦାସ)

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ବିଭିନ୍ନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। କୁଳମଣି ସାମଲଙ୍କୁ ବିଜୁ ଜନତା ଦଳର ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସରସ୍ୱତୀ ମିଶ୍ରଙ୍କୁ ଆସ୍କା ସଂସଦୀୟ ନିର୍ବାଚନମଣ୍ଡଳୀ ନିର୍ବାଚନ ସଂଯୋଜକ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାଶଙ୍କୁ ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀ ନିର୍ବାଚନ ସଂଯୋଜକ, ସୌମ୍ୟଜିତ ମହାପାତ୍ରଙ୍କୁ ବାଲିକୁଦା–ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ, ସଂଗ୍ରାମ ମନ୍ତ୍ରୀଙ୍କୁ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ନିର୍ବାଚନ ସଂଯୋଜକ ଏବଂ ଶିଖା ଉମେଶ ସ୍ୱାଇଁଙ୍କୁ ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ବିଜୁ ଜନତା ଦଳ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି।

# 'ଗଣତନ୍ତ୍ରର ସୁରକ୍ଷା ଲାଗି ଲଢୁଛି କଂଗ୍ରେସ'



ନଗର କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେତାମାନେ।

ପାରାଦୀପ,୪।୫(ଶରତ ରାଉତ)

ସମ୍ପ୍ରତି ଦେଶରେ ଶାସକ ଏକଛତ୍ରବାଦ ନୀତି ଆପଣେଇଛନ୍ତି। ଏହାକୁ ଦମନ କରିବା ପାଇଁ ଓ ଗଣତନ୍ତ୍ରର ସୁରକ୍ଷା ଲାଗି ଏଥର କଂଗ୍ରେସ ଦଳ ସତ୍ୟର ସହିତ ଲଢୁଛି। ଏଥିରେ ଶ୍ରମଜୀବୀ, କୃଷକ, ଯୁବବର୍ଗ, ଛୋଟ ବ୍ୟବସାୟୀମାନେ ସାମିଲ ହେବାକୁ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ପ୍ରଭାତ କୁମାର ଆହ୍ୱାନ ଦେଇଛନ୍ତି। ଏ ନେଇ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଶନିବାର ସନ୍ଧ୍ୟାରେ ପାରାଦୀପ ବଡ଼ପଡିଆସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାତଙ୍କ ସହ ଦଳର ପାରାଦୀପ ଲୋକ ସଭା ଆସନ ପ୍ରାର୍ଥୀ ରବୀନ୍ଦ୍ର ସେଠୀ, ବିଧାନସଭା ଆସନ ପ୍ରାର୍ଥୀ ନିରଞ୍ଜନ ନାୟକ, ଦଳର ଜିଲା ସଭାପତି ନଟବର ବାରିକ, ୪ ନଂ. ୱାର୍ଡ କାଉନ୍‌ସିଲର କେଦାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଂଗ୍ରେସର ନିର୍ବାଚନୀ ଇସ୍ତାହାର (ନ୍ୟାୟପତ୍ର) ସମ୍ପର୍କରେ ଆଲୋଚନା କରାଯିବା ସହ କେନ୍ଦ୍ରରେ ଥିବା ଭାଜପା ସରକାର ଓ ରାଜ୍ୟ ବିଜେଡି ସରକାର ବିଫଳତା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ କଂଗ୍ରେସ ଦଳ ଓଡ଼ିଶାରେ ଭଲ କରିବ ବୋଲି ପ୍ରଭାତ ଦୃଢୋକ୍ତି ପ୍ରକାଶ କରିଥିଲେ।

# ବିଜେଡିର ମିଶ୍ରଣ ପର୍ବ

ତିର୍ତ୍ତୋଲ,୪।୫(ଗୌରାଙ୍ଗ ଚରଣ ସ୍ୱାଇଁ)

ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ତିର୍ତ୍ତୋଲସ୍ଥିତ ବାସ ଭବନରେ ଶନିବାର ସନ୍ଧ୍ୟାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ନିର୍ବାଚନ ମଣ୍ଡଳୀ ତଥା ତିର୍ତ୍ତୋଲ ବ୍ଲକ ଆମ୍ବେରୀ ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ବିଧାୟକ ସମ୍ବିତ ରାଉତରାୟଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟକରିବିଜେଡିରେଯୋଗଦେଇଛନ୍ତି।

ଏହି ଅବସରରେ ଉକ୍ତ ପଞ୍ଚାୟତର ୭୦ରୁ ଉର୍ଦ୍ଧ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ କର୍ମୀ ଦେବେନ୍ଦ୍ରନାଥ ମହାନ୍ତି, ସୁଧାଂଶୁ ମୋହନ ମହାନ୍ତି, ଅଜିତ ମହାନ୍ତି, ଦିଲୀପ ସେଠି, ଧନେଶ୍ୱର ମହାନ୍ତି, ଚନ୍ଦନ ମହାନ୍ତି, ପବିତ୍ର ମଲ୍ଲିକ, ପ୍ରତାପ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ପ୍ରକାଶ ମଲ୍ଲିକ, ବିନୟ ମଲ୍ଲିକ, ସନ୍ତୋଷ ମହାନ୍ତି, ସୌରଭ ମହାପାତ୍ର, ଅସିତ ମଲ୍ଲିକ, ରାଜେଶ ଜେନା, ଲଲାଟେନ୍ଦୁ ଦାସ, ଜ୍ୟୋତିକାନ୍ତ ଦାସ ପ୍ରମୁଖ ରହିଛନ୍ତି। ବିଧାୟକ ରାଉତରାୟ କଂଗ୍ରେସ କର୍ମୀମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଆମ୍ବେରୀ ସରପଞ୍ଚ ରୀନାବାଳା ମଲ୍ଲିକ, ପୂର୍ବତନ ସରପଞ୍ଚ ବିକ୍ରମ ମହାନ୍ତି, ସୂର୍ଯ୍ୟନାରାୟଣ ବେହେରା, ସନ୍ତୋଷ ମଲ୍ଲିକ, ଅଜୟ ସୁତାର, ଅତନୁ ଆଚାର୍ଯ୍ୟ, ପ୍ରଫୁଲ ଦାସ, ଅଭୟ ସାହୁ, ଜିତେନ୍ଦ୍ର ମଲ୍ଲିକ, ଶିବପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାଚନ, ଗ୍ରୀଷ୍ମ ପ୍ରବାହଜନିତ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ


ସମୀକ୍ଷା ବୈଠକରେ ଯୋଗଦେଇଥିବା କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

### କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଜଗତ୍‌ସିଂହପୁର ଜିଲା ଗସ୍ତ

ଜଗତ୍‌ସିଂହପୁର, ୪।୫ (ପ୍ରମୋଦ କୁମାର ନାୟକ)

କେନ୍ଦ୍ରାଞ୍ଚଳ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ରଞ୍ଜନ କୁମାର ଦାସ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। ସାଧାରଣ ନିର୍ବାଚନ ୨୦୨୪କୁ ଅବାଧ, ଶାନ୍ତିପୂର୍ଣ୍ଣ ଭାବେ ସମ୍ପାଦନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲାପାଳ ଅନୁପମ ଶାହା ଜିଲାର ନିର୍ବାଚନ ପ୍ରସ୍ତୁତି, ବିଭିନ୍ନ ବୁଥ୍‌ଗୁଡିକରେ ଆବଶ୍ୟକ ସୁବିଧା ସୁଯୋଗ ସମ୍ପର୍କରେ ରାଜସ୍ୱ ଆୟୁକ୍ତଙ୍କୁ ଅବଗତ କରାଇଥିଲେ। ବିଶେଷକରି ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ଲାଗି ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି କହିଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଦାସ ଜିଲାରେ ୧୦୫୧ ବୁଥ୍‌ରେ ଆବଶ୍ୟକ ସୁବିଧା ସୁଯୋଗ ଉପଲବ୍ଧ ସମ୍ପର୍କରେ ଜିଲାପାଳଙ୍କୁ ପଚାରି ବୁଝିଥିଲେ। ସମସ୍ତ ବୁଥ୍‌ରେ ବିଦ୍ୟୁତୀକରଣ, ପାନୀୟଜଳ ବ୍ୟବସ୍ଥା କରାଯିବା ସହ ପୁରୁଷ ଓ ମହିଳାଙ୍କ ନିମନ୍ତେ ପୃଥକ୍ ଶୌଚାଳୟ, ଖରାରୁ ରକ୍ଷା ପାଇବା ପାଇଁ ଶେଡ୍, ଭିନ୍ନକ୍ଷମ ଭୋଟରଙ୍କ ପାଇଁ ରାମ୍ପ, ହୁଇଲ ଚେୟାର ଓ ହେଲପ ଡେସ୍କ ସହ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଆମ୍ବୁଲାନ୍ସ, ଓଆର୍‌ଏସ, ଫାଷ୍ଟଏଡ୍ ଆଦିର ବ୍ୟବସ୍ଥା କରିବାକୁ କମିଶନର ଦାସ ନିର୍ଦ୍ଦେଶ ଦେଇଥିଲେ। ସଖୀ ବୁଥ୍‌ଗୁଡିକରେ ନିୟୋଜିତ ମହିଳା ଅଧିକାରୀମାନଙ୍କ ସୁବିଧାସୁଯୋଗ ସହ ସୁରକ୍ଷା ନିମନ୍ତେ ମହିଳା ପୋଲିସ ଅଧିକାରୀ ମୁତୟନ କରିବାକୁ ଏସ୍‌ପିଙ୍କୁ କମିଶନର ଦାସ କହିଥିଲେ। ଜିଲାରେ ଭୋଟରମାନଙ୍କ ସଂଖ୍ୟାକୁ ସମୀକ୍ଷା କରିବା ସହ ଭୋଟର ସଚେତନତା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ପୋଷ୍ଟାଲ ବାଲଟ, ହୋମ ଭୋଟିଂ, ପୋଲିସ ଫ୍ଲାଗ୍ ମାର୍ଚ୍ଚ, ଶାନ୍ତି ଶୃଙ୍ଖଳା ରକ୍ଷା ଆଦି ବିଷୟରେ ବୁଝିଥିଲେ। ଜିଲାର ସମସ୍ତ ରିଟର୍ନିଂ ଅଫିସର ଓ ସହକାରୀ ରିଟର୍ନିଂ ଅଫିସରମାନଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମାକୁ ଭଲଭାବେ ପଢି ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଏସ୍‌ପି ରାହୁଲ ପି.ଆର୍. ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ବିଭାଗର ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ।

ବୈଠକରେ କମିଶନର ଦାସ ଜିଲାରେ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଡେପୁଟି କଲେକ୍ଟର ସୁଦର୍ଶନ ଗୁରୁ, ଡିପିଓ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସେମାନେ କହିଥିଲେ, ଜିଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଏହାର ଟୋଲ ଫ୍ରି ନମ୍ବର '୧୦୭୭' ରହିଛି। ଏହାଛଡ଼ା ସୂଚନା ଓ ପ୍ରସାରଣ ମାଧ୍ୟମରେ ଗ୍ରୀଷ୍ମ ପ୍ରବାହ ସମୟରେ କ'ଣ କରିବା ଉଚିତ୍ ଓ ଅନୁଚିତ ସେ ବିଷୟରେ ସୂଚନା ଦିଆଯାଉଛି। ପାନୀୟଜଳ ଅସୁବିଧା ଥିବା ବାଲିକୁଦା, କୁଜଙ୍ଗ, ଏରସମା ବ୍ଲକର ୬୨ ଗ୍ରାମରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ, ନଳକୂପର କାର୍ଯ୍ୟକାରିତା, ୩୫୩ ଗ୍ରାମରେ ପାଇପ ମାଧ୍ୟମରେ ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ଏହାଛଡ଼ା ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯିବା ସହ ଶ୍ରମିକମାନଙ୍କ ପାଇଁ ଦିନ ୧୧ ଟା ରୁ ୩ ଟା ପର୍ଯ୍ୟନ୍ତ କାମ ବନ୍ଦ କରିବାକୁ ଶ୍ରମ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କୁହାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ, ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ପୌର ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଣ୍ଟିଲୋ ରାମଲୀଳା ଉଦ୍‌ଘାଟିତ

ଖଣ୍ଡପଡ଼ା,୪।୫
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ଶ୍ରୀ ରଘୁନାଥ ଜୀଉ ନାଟ୍ୟ ସମିତି କୃଷ୍ଣେଶ୍ୱର ପାଟଣା(ଥୋଡିଆ ସାହି) ପକ୍ଷରୁ ଶୁକ୍ରବାର ରାମଲୀଳାର ପ୍ରଥମ ପର୍ବ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୫ନଂ.ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା,ଶୃଙ୍ଖଳା କମିଟିର ସଭାପତି ବନମାଳୀ ଦାଶ, ଅନୁଷ୍ଠାନର ସଭାପତି ସଚ୍ଚିଦାନନ୍ଦ ଦାଶ ଓ ସାହିର ପୂର୍ବତନ ସଭାପତି ଅର୍ଜୁନ ସାହୁ ପ୍ରମୁଖ ମିଳିତ ଭାବେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

ଏହାପରେ ଆରମ୍ଭ ହୋଇଥିଲା ପାରମ୍ପରିକ ରାମଲୀଳା । ବିଶ୍ୱାମିତ୍ରଙ୍କ ଜାଗ ରକ୍ଷା, ତାଡ଼କା ବଧ, ଅହଲ୍ୟା ଉଦ୍ଧାର ସହ ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ ପ୍ରସଙ୍ଗକୁ ନେଇ କଳାକାରମାନେ ରାମଲୀଳା ପରିବେଷଣ କରିଥିଲେ । ତ୍ରେତୟା ଯୁଗରେ ମୁନି, ଋଷିମାନଙ୍କ ଯଜ୍ଞ କାର୍ଯ୍ୟରେ ରାକ୍ଷସମାନେ ବାଧା ସୃଷ୍ଟି କରି ନାନା ଅତ୍ୟାଚାର କରୁଥିଲେ। ରାକ୍ଷସମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଭଗବାନ ରାମଚନ୍ଦ୍ର ହିଁ ଏକମାତ୍ର ଭରସା ବୋଲି ବିଶ୍ୱାମିତ୍ର ଋଷି ଧ୍ୟାନ ବଳରେ ଜାଣିବା ପରେ ସେ ରାଜା ଦଶରଥଙ୍କ ଦ୍ୱାରସ୍ଥ ହୋଇଥିଲେ । ଅସୁରଙ୍କ ଅତ୍ୟାଚାର ଓ ଦମନଲୀଳାରେ


କଣ୍ଟିଲୋ ରାମଲୀଳାର ଏକ ଦୃଶ୍ୟ ।

### ତାଡ଼କା ବଧ,ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କଲେ ରାମ

ଅତିଷ୍ଠ ହୋଇ ବିଶ୍ୱାମିତ୍ରଙ୍କ ଅନୁରୋଧ ଓ କୂଳଗୁରୁ ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷିମାନଙ୍କ ସୁରକ୍ଷା ପାଇଁ ରାଜା ଦଶରଥ ୨ପୁତ୍ର ରାମ ଓ ଅନୁଜ ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ରଙ୍କ ସାଥିରେ ଯିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ବିଶ୍ୱାମିତ୍ର ଋଷିଙ୍କ ସଙ୍ଗେ ଦୁଇ ଭାଇ ଅଗମ୍ୟ ଜଙ୍ଗଲ ମଧ୍ୟରେ ଯିବା ବାଟରେ ମାୟାବିନୀ ତାଡ଼କା ଅସୁରୁଣୀ ସେମାନଙ୍କ ପଥ ଅବରୋଧ କରିଥିଲେ । ଫଳରେ ରାମଚନ୍ଦ୍ର ତାକୁ ବଧ କରିଥିଲେ । ତାଡ଼କା ବଧ ପରେ ସେମାନେ ଆଗକୁ ଯିବା ବାଟରେ ଗୌତମ ଋଷିଙ୍କ ଅଭିଶାପରେ ପାଷାଣୀ ପାଲଟିଥିବା ଅହଲ୍ୟା ରାମଚନ୍ଦ୍ରଙ୍କ ପାଦ ସ୍ପର୍ଶରେ ଶାପମୁକ୍ତ ହୋଇଥିଲେ । ଏହା ପରେ ଜନକ ରାଜାଙ୍କର କନ୍ୟା ସୀତାଙ୍କ ସ୍ୱୟମ୍ବରରେ ବିଶ୍ୱାମିତ୍ରଙ୍କ ସହ ରାମ, ଲକ୍ଷ୍ମଣ ଯୋଗ ଦେଇଥିବା ଅବସରରେ ଜନକଙ୍କ ସର୍ତ୍ତ ଥିଲା ଯିଏ ଶିବ ଧନୁ ଭାଙ୍ଗିବ ସୀତା ତାଙ୍କ ଗଳାରେ ବରଣମାଳା ଦେବେ । ଏଥିପାଇଁ ଆୟୋଜିତ ସ୍ୱୟଂମ୍ବର ସଭାରେ ଲଙ୍କା ନରେଶ ଦଶାନନ ରାବଣଙ୍କ ସମେତ ବିଭିନ୍ନ ଦେଶରୁ ରାଜାମାନେ ଉପସ୍ଥିତ ଥିଲେ । ନିଜକୁ ତ୍ରିଭୂବନ ବିଜୟୀ ଭାବୁଥିବା ରାବଣ ଶିବ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିବେ ବୋଲି ଆଶା ବାନ୍ଧିଥିଲେ । ମାତ୍ର ଶିବଧନୁ ଭାଙ୍ଗିବା ଦୂରରେ ଥାଉ ଉଠାଇ ମଧ୍ୟ ପାରିଲେନି । ପରେ ପରେ ଉପସ୍ଥିତ ସମସ୍ତ ରାଜାମାନେ ଧନୁକୁ ଉଠାଇବା ପାଇଁ ସକ୍ଷମ ନ ହୋଇ ବାଧ ହୋଇ ସ୍ୱଂୟମ୍ବର ସଭା ପରିତ୍ୟାଗ କରିଥିଲେ । ପରେ ବିଶ୍ୱାମିତ୍ର ମୁନିଙ୍କ ନିର୍ଦ୍ଦେଶ କ୍ରମେ ରାମଚନ୍ଦ୍ର ଶିବ ଧନୁକୁ ଭୂମିରୁ ଉଠାଇ ଧନୁ ଭଗ୍ନ କରିଥିଲେ । ଜନକଙ୍କ ସର୍ତ୍ତ କ୍ରମେ ରାମଚନ୍ଦ୍ର ସୀତାଙ୍କୁ ବିବାହ କରିଥିଲେ । ବିବାହ ସମ୍ପନ୍ନ ପରେ ବିଶ୍ୱାମିତ୍ରଙ୍କ ପରାମର୍ଶ କ୍ରମେ ସେମାନେ ମିଥିଲ୍ୟା ଗମନ କରିଥିଲେ ।

ଏହି ନାଟକ ଦେଖିବାକୁ ଶୁକ୍ରବାର ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ । ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଯଥାକ୍ରମେ ଶିଶୁ କଳାକାର ସନ୍ଦିପ, ରାଜା ଓ ଚନ୍ଦନ ଅଭିନୟ କରିଥିବା ବେଳେ ବିଶ୍ୱାମିତ୍ର, ଜନକ, ଦଶରଥ, ନାଉରୀ ଓ ତାଡକା ଭୂମିକାରେ ଯଥାକ୍ରମେ ବିଷ୍ଣୁ ଚରଣ ସାହୁ, ଟୁନା ବିଶ୍ୱାଳ, ଧନେଶ୍ୱର ସାହୁ, ଅପର୍ତ୍ତି ମହାକୁଡ଼ ଓ ଗୋବିନ୍ଦ ମହାରଣା ଅଭିନୟ କରିଥିଲେ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦିପକ


@ ନରେଶ


@ ରାମକୃଷ୍ଣ


@ ସଞ୍ଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚୋରା ବନ୍ଧୁକ ଜବତ,ଜଣେ ଗିରଫ

ଦଶପଲ୍ଲା,୪।୫(ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ବାଣିଗୋଛା ଥାନା ପୋଲିସ ପକ୍ଷରୁ ଆଦିବାସୀ ବହୁଳ ବାମ ଅଞ୍ଚଳରେ ଚଢ଼ାଉ କରାଯାଇ ଗୋଟିଏ ଚୋରା ବନ୍ଧୁକ ଜବତ କରାଯାଇଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ସେ ହେଲେ ପଞ୍ଚୁ ନାୟକ( ୫୧) । ଉକ୍ତ ଗ୍ରାମରେ ଚୋରା ବନ୍ଧୁକ ଥିବା ଖବର ପାଇଁ ବାଣିଗୋଛା ପୋଲିସ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଶେଷରେ ବନ୍ଧୁକକୁ ଜବତ କରାଯିବା ସହିତ ପଞ୍ଚୁଙ୍କୁ ଗିରଫ କରାଯାଇ ଶନିବାର ଦଶପଲ୍ଲା କୋର୍ଟକୁ ଚାଲାଣ କରାଯାଇଥିବା ବାଣିଗୋଛା ଥାନା ଆଇଆଇସି ଲକ୍ଷଣ ଦଣ୍ଡସେନା ସୂଚନା ଦେଇଛନ୍ତି । ଗତ ୪ ମାସରେ ବାଣିଗୋଛା ପୋଲିସ ପକ୍ଷରୁ ଉକ୍ତ ଅଞ୍ଚଳରେ ଚଢାଉ କରାଯାଇ ୧୧ଟି ଚୋରା ବନ୍ଧୁକ ଜବତ କରାଯାଇଛି।

# ମହିଳାଙ୍କୁ ସମ୍ମାନ, ଖଣ୍ଡପଡ଼ାର ବିକାଶକୁ ପ୍ରାଥମିକତା ଦିଆଯିବ

ଖଣ୍ଡପଡ଼ା,୪।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପକ୍ଷରୁ ଭାପୁର ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନଙ୍କ ନାମ ଘୋଷଣା ପରେ ଶୁକ୍ରବାର ସେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲେ । ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ପଞ୍ଚୁଦୋଳ ମେଳଣ ପଡ଼ିଆରେ ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ପ୍ରଧାନ କହିଲେ, ବିଶ୍ୱବିଖ୍ୟାତ୍ ଜ୍ୟୋର୍ତିବିଦ୍ ପଠାଣିସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ାର ସାମଗ୍ରୀକ ବିକାଶ ସହ ମହିଳାଙ୍କୁ ସମ୍ମାନ ଦେବାକୁ ସେ ପ୍ରାଥମିକତା ଦେବେ । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ୍ ପ୍ରଦାନ କରିଥିବାରୁ ସେ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ଆଶୀର୍ବାଦରୁ ସେ ନିର୍ବାଚନରେ ନିଶ୍ଚୟ ବିଜୟୀ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ତାଙ୍କ ସ୍ୱାମୀଙ୍କ ବିରୋଧରେ କରିଥିବା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ପୂର୍ବତନ ବିଧାୟକଙ୍କ ଏଭଳି ଅଭିଯୋଗର କିଛି ମାନେ ନାହିଁ ବୋଲି ପ୍ରଧାନ କହିଥିଲେ। ଆସନ୍ତା ୬ ତାରିଖ ସୋମବାର ସେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଗଣମାଧ୍ୟମର ପ୍ରତିନିଧିଙ୍କୁ ସେ କହିଥିଲେ ।


ଖବରଦାତା ସମ୍ମିଳନୀରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ଓ ଅନ୍ୟମାନେ ।

# ରୁଗୁମ ପାହାଡ଼ ଉପର ଗଛ ଜଳୁଛି



ନୟାଗଡ଼,୪।୫(ଲୋକନାଥ ମିଶ୍ର)

ଦଶପଲ୍ଲା ରେଞ୍ଜ ଟାକରା ସେକ୍ସନ ରୁଗୁମ ପାହାଡ଼, କୁସୁମକଣ ଘାଟି, ବିଜାନଗର ପାହାଡ଼ ଜଳୁଥିଲା । ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡରୁ ପୁରା ପାହାଡ଼ର ଶୀର୍ଷ ଭାଗ ଯାଏଁ ନିଆଁ ଲାଗିଥିଲା। ଜଙ୍ଗଲ ଜଳୁଥିବା ଦେଖି ରୁଗୁମ ଜଙ୍ଗଲ ଗୋଷ୍ଠୀ ଜଙ୍ଗଲ ଅଧିକାର କମିଟି ଦୁଡିକିପାଜୁର ୧୫ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଶୁକ୍ରବାର ଦିନ ତମାମ କଞ୍ଚାଡାଳ, ବାଲି ଓ ପାଣି ପକାଇ ନିଆଁକୁ ଆୟତ କରିଥିଲେ ।

### ଗାଁ ଲୋକ ନିଆଁ ଲିଭାଇଲେ

ଜଙ୍ଗଲ କମିଟିର ସଦସ୍ୟ ପିତାମ୍ବର ଜାନି, ବନିତା ଧରୁଆ, ମିନତୀ ନାୟକ, ରେବତୀ ମଲିକ ପ୍ରମୁଖ କୁହନ୍ତି, ଚଳିତ ବର୍ଷ ଆମ ଜଙ୍ଗଲରେ ୪ଥର ନିଆଁ ଲାଗି ସାରିଲାଣି । ନିଆଁ ଲାଗିଲେ ନିଆଁ ଲିଭାଇବା ବହୁ କଷ୍ଟ ହେଉଛି । ସରକାର ଆମକୁ ଏକ ନିଆଁ ଲିଭା ଯନ୍ତ୍ର ଯୋଗାଇ ଦେଲେ ଆମକୁ ଖରା ଦିନରେ ନିଆଁ ଲିଭାଇବା ସୁବିଧା ହୁଅନ୍ତା । ହେଲେ ଆମ ଦାବି କେହି ଶୁଣୁ ନାହାନ୍ତି ।

# କଂଗ୍ରେସରୁ ଇସ୍ତଫା ଦେଲେ ଖଣ୍ଡପଡ଼ା ବ୍ଲକ୍ ସଭାପତି

ଖଣ୍ଡପଡ଼ା,୪।୫
(ଅଜୟ କୁମାର ମହାରଣା)

ଦଳୀୟ ଟିକେଟ୍ ପାଇବାରୁ ବଞ୍ଚିତ ହେବା ପରେ ଅସନ୍ତୋଷ ପ୍ରକାଶ କରି କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ଖଣ୍ଡପଡ଼ା ବ୍ଲକ୍ ସଭାପତି ଇଂ. ଦେବବ୍ରତ ବେହେରା। ସେ ତାଙ୍କର ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପଠାଇ ଦେଇଥିବା ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ବେହେରାଙ୍କ ଅଭିଯୋଗ ବର୍ଷ ବର୍ଷ ଧରି ଦଳୀୟ ସଙ୍ଗଠନକୁ ସେ ସୁଦୃଢ କରି ଆସିଥିଲେ । ଏହାପରେ ବି ଆଦୌ ଦଳ ସହ ଜଡ଼ିତ ନ ଥିବା ଜଣେ ନେତ୍ରୀଙ୍କୁ ଦଳର ଶୀର୍ଷ ନେତୃତ୍ୱ ଟିକେଟ୍ ପ୍ରଦାନ କରିବା ପରେ ସେ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି । ତାଙ୍କର ସମର୍ଥକ ଓ ଶୁଭେଚ୍ଛୁମାନେ ମଧ କଂଗ୍ରେସ ଦଳ ଛାଡ଼ିଛନ୍ତି । ପରବର୍ତ୍ତୀ ସମୟରେ ସେମାନେ କେଉଁ ରାଜନୈତିକ ଦଳରେ ଯୋଗଦେବେ ତାହା ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ବେହେରା କହିଛନ୍ତି ।


ଇଂ. ଦେବବ୍ରତ ବେହେରା

# କଂଗ୍ରେସ ପୁରୀ ସଂସଦୀୟ ପ୍ରଚାର କମିଟିରେ ଦେବାଶିଷ

ନୟାଗଡ଼,୪।୫(ଲୋକନାଥ ମିଶ୍ର)

କଂଗ୍ରେସର ପୁରୀ ସଂସଦୀୟ କ୍ଷେତ୍ରର ପ୍ରଚାର କମିଟିରେ ଯୁବ ନେତା ଦେବାଶିଷ ସାହୁ ସ୍ଥାନ ପାଇଛନ୍ତି । ଦେବାଶିଷଙ୍କ ଘର ନୟାଗଡ଼ ଜିଲାର ଗୋଡିପଡ଼ା ଗାଁରେ । ସେ କଂଗ୍ରେସ ପାଇଁ ଦୀର୍ଘ ଦିନ ହେବ କାମ କରି ଆସୁଛନ୍ତି । ପ୍ରଚାର କମିଟିରେ ସ୍ଥାନ ପାଇବା ପରେ ଦେବାଶିଷ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ରାଜ୍ୟ ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାଶଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଅପରପକ୍ଷେ ନୂଆ ନିଯୁକ୍ତି ପରେ ପୁରୀ ଏମ୍‌ପି ପ୍ରାର୍ଥୀ ଓ ୭ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିଧାୟକ ପ୍ରାର୍ଥୀ କିପରି ବିଜୟୀ ହେବେ ସେନେଇ ପ୍ରଚାରକୁ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି ।

# ମା' ରତ୍ନମାଳା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଶରଣକୁଳ,୪।୫(ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ନିକଟବର୍ତ୍ତୀ ଚଢ଼େୟାପଲ୍ଲୀ ଗ୍ରାମରେ ବାଣୀଖାରି ପାହାଡ଼ ନିକଟରେ ଅବସ୍ଥିତ ମା' ରତ୍ନମାଳା ପୀଠରେ ୩ଦିନ ବ୍ୟାପୀ ବିଶଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି । ମା' ରତ୍ନମାଳା ଆଶ୍ରମର ପ୍ରତିଷ୍ଠାତା ବାବା ଦାମୋଦର ପୁରୀ ମହାରାଜ ଏହି ବିଶ୍ୱଶାନ୍ତି ମହାଯଜ୍ଞର ମୁଖ୍ୟପୁରୋଧା ଭାବେ ଯୋଗ ଦେଇ ଘୃତାହୂତି ପ୍ରଦାନ କରିଛନ୍ତି । ଓଡ଼ିଶାର ବିଭିନ୍ନ ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ସାଧୁସନ୍ଥ, ସାମାଜିକ କର୍ମୀ ଓ ଶରଣକୁଳ ଅଞ୍ଚଳର ଗ୍ରାମବାସୀ ଏହି ଯଜ୍ଞ କାର୍ଯ୍ୟରେ ସହଯୋଗ କରୁଛନ୍ତି । ସନ୍ଥମାନଙ୍କ ବେଦଧ୍ୱନୀରେ ସାରା ଅଞ୍ଚଳ ପ୍ରକମ୍ପିତ ହେଉଛି । ଯଜ୍ଞ ମଣ୍ଡପର ଚାରିପାଖରେ ବିଭିନ୍ନ ଗ୍ରାମରୁ ଆସିଥିବା ମହିଳା ସଂକୀର୍ତ୍ତନ ଦଳ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଚଢ଼େୟାପଲ୍ଲୀ ତଥା ଆଖପାଖ ଗ୍ରାମବାସୀ ପୂଜା ସାମଗ୍ରୀ, ଘିଅ ପ୍ରଦାନ କରିଛନ୍ତି । ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଶବ୍ଦରେ ସେଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଶୁକ୍ରବାର କଳସ ଯାତ୍ରା ଓ ଅଧିବାସ ପରେ ସକାଳ ୯ଟାରେ ଯଜ୍ଞସ୍ଥଳର ପୂର୍ବ-ଦକ୍ଷିଣ କୋଣରେ ସୂର୍ଯ୍ୟ ପୂଜା ଅନୁଷ୍ଠିତ ହୋଇଥିଲା । ଏହାପରେ ଯଜ୍ଞକାର୍ଯ୍ୟ ଆରମ୍ଭ କରାଯାଇଥିଲା । ରବିବାର ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହେବ । ପ୍ରତ୍ୟହ ଅନ୍ନ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଚାଲୁ ରହିଛି ।


ଯଜ୍ଞସ୍ଥଳରେ ନାମ ସଂକୀର୍ତ୍ତନ ପରିବେଷଣ କରାଯାଉଛି ।

# କୁଶଡିପି ଗାଁରେ ପାଣି ପାଇଁ ହାହାକାର

ଓଡ଼ଗାଁ,୪।୫(ଆଦର୍ଶ କୁମାର ପଟ୍ଟନାୟକ )

- ଗୋଟିଏ ବାଲ୍‌ଟି ପାଣି ଭର୍ତ୍ତି ପାଇଁ ୨ଘଣ୍ଟା ଲାଗୁଛି
- ଭୋଟବର୍ଜନ ପାଇଁ ଗ୍ରାମବାସୀଙ୍କ ଚେତାବନୀ

ଚାରିଆଡ଼େ ଅସମ୍ଭାଳ ହେଲାଣି ପାନୀୟ ଜଳ ସମସ୍ୟା । କେଉଁଠି ପାଣି ପାଇଁ ଲୋକେ ବହୁ ପଥ ଚାଲି ଚାଲି ଯାଇ ପାନୀୟ ଜଳ ସଂଗ୍ରହ କରୁଛନ୍ତି ତ ଆଉ କେଉଁଠି ପାଣି ମିଳିନାହିଁ । ଗାଁରେ ଥିବା ଟ୍ୟାପ୍‌ରୁ ଗୋଟିଏ ବାଲ୍‌ଟି ପାଣି ଭରିବା ପାଇଁ ୨ଘଣ୍ଟା ସମୟ ଲାଗୁଛି । ଗାଁକୁ ପାଣି ଯୋଗାଣ ବ୍ୟବସ୍ଥା ନ ହେଲେ ଲୋକେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ନୟାଗଡ଼ ଜିଲା ଓଡ଼ଗା ବ୍ଲକ ସାକେରି ପଞ୍ଚାୟତ କୁଶଡିପି ଗ୍ରାମରେ ପାନୀୟଜଳ ସମସ୍ୟାର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ।

ଅଭିଯୋଗ ଅନୁଯାୟୀ, କୁଶଡିପି ଗ୍ରାମରେ ସାଢେ ୩ଶହ ଲୋକ ବସବାସ କରନ୍ତି । ଗାଁରେ ୩ଟି ନଳକୂପ ଥିଲେ ମଧ ତାହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି । ସେଥିରୁ ଫ୍ଲୋରାଇ ଯୁକ୍ତ ପାଣି ବାହାରୁଥିବାରୁ ସେହି ପାଣି ବ୍ୟବହାର ନ କରିବାକୁ ବିଭାଗ ପକ୍ଷରୁ କୁହାଯାଇଥିଲା । ହେଲେ ପାଣି ସମସ୍ୟା ଉତ୍କଟ ହେବାରୁ ଲୋକେ ବାଧ ହୋଇ ସେହି ପାଣି ବ୍ୟବହାର କରୁଛନ୍ତି । ଏହାର କୁପ୍ରଭାବରେ ଶତାଧିକ ପିଲାଙ୍କ ଦାନ୍ତ ହଳଦିଆ ପଡିଛି । କେହି କେହି ପେଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଗାଁକୁ ପାଣିର ସୁବିଧା ନ ଥିବାରୁ ଲୋକମାନେ ବାରମ୍ବାର ପ୍ରଶାସନ ପାଖରେ ଗୁହାରି କରିଥିଲେ । ମହିଳାମାନେ ଏକତ୍ରିତ ହୋଇ ବିଭାଗୀୟ ଯନ୍ତ୍ରୀଙ୍କୁ ଭେଟିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି । କୁଶଡିପି ଗ୍ରାମରେ ଦେଢବର୍ଷ ତଳେ ଏକ ବୋରିଂ ଖୋଳାଯାଇ ଲୋକଙ୍କୁ ପିଇବା ପାଣି ଯୋଗାଇବା ପାଇଁ ଯୋଜନା ହୋଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ସେହି କାମ ଶେଷ ହୋଇନାହିଁ । ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ କାର୍ଯ୍ୟାନୁଷ୍ଠାନ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି । ଏବେ ଖରା ପ୍ରକୋପରେ ନଦୀ, କୂଅ, ପୋଖରୀ ଶୁଖିଲା ପଡ଼ିଛି । ଫଳରେ ସେହି ଫ୍ଲୋରାଇଡ଼ ଯୁକ୍ତ ପାଣି ବାହାରୁ ଥିବା ନଳକୂପ ଉପରେ ଗ୍ରାମବାସୀ ଭରସା କରିଛନ୍ତି । ଏଥିରେ ସୁଧାର ନ ଆସିଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବା ସହିତ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ ଜଳ ଓ ପରିମଳ ଯନ୍ତ୍ରୀ ସୁବାସ ସ୍ୱାଇଁଙ୍କ ସହିତ ଯୋଗଯୋଗ କରାଯାଇଥିଲା । ସବୁଠି ଜଳ ସଙ୍କଟ ସମସ୍ୟା ରହିଛି । ପର୍ଯ୍ୟାୟ କ୍ରମେ ଉପରୋକ୍ତ ସମସ୍ୟାର ସମାଧାନ କରାଯିବାକୁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି ।


ଜଣେ ମହିଳା ଏକ ଭଙ୍ଗା ଟ୍ୟାପରୁ ପ୍ଲାଷ୍ଟିକ୍ ପାଇପ ଲଗାଇ ପାଣି ସଂଗ୍ରହ କରୁଛନ୍ତି ।

